ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.1912 Bhubaneswar Wednesday 2023 | ୨୬ତମ ବର୍ଷ | ସଂଖ୍ୟା-୧୯୧୨ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ 1.50 ₹ (Air Surcharge - 0.50P) | Member-INS

## ଆତଙ୍କରାଜ ଚଳାଇଥିଲେ ଅବସରପ୍ରାପ୍ତ ଯବାନ, କାବୁ କରିବାକୁ ଯାଇ ମହିଳା ଏସ.ଆଇ ଗୁରୁତର



ଭୁବନେଶ୍ୱର,୫।୯(ପି.ଏନ): ଖଣ୍ଡା ଓ ହାତୁଡି ଧରି ଆତଙ୍କ ଚଳାଇଥିଲେ ଅବସରପ୍ରାପ୍ତ ଯବାନ। ତାଙ୍କୁ କାବୁ କରିବାକୁ ଯାଇ ଘାଇଲା ହେଲେ ମହିଳା ପୁଲିସ୍ ଏସ୍ଆଇ। ଏପରି ଖବର ଆସିଛି କଟକ ଜିଲ୍ଲା ବାଙ୍କୀ ଥାନା ଅଞ୍ଚଳରୁ। ଗୁରୁତର ଏସ୍ଆଇଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ସରୋଜ ଦାସ ହେଉଛନ୍ତି ଜଣେ ଅବସରପ୍ରାପ୍ତ ଯବାନ। ଗତ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ଏଗାରଟା ବେଳେ ସେ ହାତରେ ଖଣ୍ଡା ଓ ହାତୁଡ଼ି ଧରି ବାଙ୍କୀ କଚେରି ଛକରେ ଆତଙ୍କରାଜ ଚଳାଇଥିଲେ। ଏ ସମ୍ପର୍କରେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା ପୁଲିସ୍। ତାଙ୍କୁ କାବୁ କରିବା ପାଇଁ ଉଦ୍ୟମ କରୁଥିଲା। ହେଲେ ସେ ଗୈଡି ପଳାଇ ଯାଇଥିଲେ। ପୁଲିସ୍ ଖାଲି ହାତରେ ଫେରିଥିଲା। ସହିଦିନ ଠାରୁ ପୁଲିସ୍ ତାଙ୍କୁ ଧରିବା ପାଇଁ ଉଦ୍ୟମ କରିଆସୁଥିଲା।

## ବିଦ୍ୟାଳୟକୁ ଆସିପାରୁ ନଥିବା ଦିବ୍ୟାଙ୍ଗ ମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ

ମାଲକାନଗିରି, ୫।୯(ପି.ଏନ); ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀ-ଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ବାବଦକୁ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି। ବିଦ୍ୟାଳୟରେ ନାମ ଥାଇ ଶାରିରୀକ, ମାନସିକ ଅନଗ୍ରସର ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଦୈନିକ ବିଦ୍ୟାଳୟ ଆସିନପାରିବା ଯୋଗୁ ସେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାର ସୁଯୋଗ ନେଇପାରୁ ନାହାନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ନେଇ ସୂଚନା ପରେ ମାଥିଲି ବ୍ଲକର ଅନୁସୂଚିତ ଜାତି ଜନଜାତି ବିଦ୍ୟାଳୟ ଟିମସପୁଟ ର ପ୍ରଧାନଶିକ୍ଷକ ମଙ୍ଗଲୁ କିର୍ଶାନି, ସହକାରୀ ଶିକ୍ଷକ ଲାଲବାଗ ବାରିକ ସେହି ବିଦ୍ୟାଳୟର ବିଦ୍ୟାର୍ଥୀ ସିଙ୍ଗଲଗୁଡାର ସୋନାଲି ପେଦା, ବସନ୍ତ ନାୟକ, କୁଟୁନିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନାଧର ଭୂମିଆଙ୍କ ଦ୍ୱାରା ସେହି ବିଦ୍ୟାଳୟର ରଶ୍ମିତା ଫଟକାଙ୍କୁ ସିଆରସି ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ଉପସ୍ଥିତରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି।ସେହିପରି ସାଲିମି ପଂଚାୟତ ର ନୂଆଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତି ଦଳେଇ, ସହକାରୀ ଶିକ୍ଷକ ସଞ୍ଜୟ କୁମାର ସାହୁଙ୍କ ଉପସ୍ଥିତିରେ ରାହୁଲ ଭୂମିଆଙ୍କୁ ଏବଂ ଧୁଙ୍ଗିଆପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭି. ରାମପ୍ରସାଦ, ଶିକ୍ଷୟିତ୍ରୀ ମନ୍ଦାକିନୀ ସାହୁ ଓ ସିଆରସି ବିରଜା ଶଙ୍କର ବେହେରାଙ୍କ ଉପସ୍ଥିତିରେ ସେହି ବିଦ୍ୟାଳୟର ପ୍ରତିମା ବାଡାମ ଙ୍କୁ ଓ ଆମ୍ବଗୁଡା ପଂଚାୟତର ଖଡିମାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମଳ ସର୍ଦ୍ଦାର ସେହି ବିଦ୍ୟାଳୟର ଚନ୍ଦନ ମାଝୀ ର ପରିବାର ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖର୍ଚ୍ଚ ପ୍ରଦାନ କରିଥିଲେ ।ବ୍ଲକ ଶିକ୍ଷାଧିକାରୀ ସୁମିତ ବିଶ୍ୱାସ, ବିଆରସି ଆର. ଏସୁ ଦାସଙ୍କ ନିର୍ଦ୍ଦେଶ କ୍ରମେ ବିଆରପି ଦାୟିତ୍ୱରେ ଥିବା ରତ୍ନାକର ପାଳ କାର୍ଯ୍ୟ ସମ୍ପାଦନ ପାଇଁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଥିଲି ବ୍ଲକ ର ୨୦ଟି ପଂଚାୟତର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟକୁ ଆସି ପାରୁନଥିବା ବିଦ୍ୟାର୍ଥୀ ଲାଭ ପାଇ ପାରିବେ ବୋଲି ସୂଚନା ମିଳିଛି।

## ୫ଟି ସଚିବଙ୍କ ଗସ୍ତକୁ ନେଇ ବିଜେପି ପୁଣି କଲା ଟାର୍ଗେଟ

ଭୁବନେଶ୍ୱର, (ପି.ଏନ): ଭାରତୀୟ ଜନତା ପାର୍ଟି ୫ଟି ସଚିବଙ୍କ ଗସ୍ତକୁ ନେଇ ପୁଣି ଥରେ ରାଜ୍ୟ ସରକାରଙ୍କୁ ଟ୍ୱିଟ କରିଛି । ବିଜେପି ବିଧାୟକ ନାଉରୀ ନାୟକ କହିଛନ୍ତି, ସଚିବ ଅଗଣତାନ୍ତ୍ରିକ ଭାବେ ଦାଦାଗିରି ଭଳି ହେଲିକପ୍ଟରରେ ବୁଲୁଛନ୍ତି । ସେ କହିଛନ୍ତି ଯେ, ବିରୋଧୀ ପ୍ରଶ୍ନ ଉଠାଇଲେ ସଚିବଙ୍କ ପାଇଁ ମନ୍ତ୍ରୀ ଉତ୍ତର ରଖୁଛନ୍ତି । ଜଣେ ସଚିବଙ୍କ ପାଇଁ ମନ୍ତ୍ରୀ ଅଣ୍ଟାଭିଡ଼ି ବାହାରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନିଜେ କିଛି କରିପାରୁ ନାହାନ୍ତି, ନିଷ୍ପତ୍ତି ନେଇପାରୁ ନାହାନ୍ତି । ତାଙ୍କ ନେତାମାନଙ୍କ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବାର ସାହସ ନାହିଁ । ରାଜ୍ୟବାସୀ ଦେଖୁଛନ୍ତି ଓ ସେମାନେ ଉଚିତ ସମୟରେ ଜବାବ ଦେବେ ବୋଲି ସେ କହିଛନ୍ତି ।

## କେନ୍ଦ୍ର ଏମେସେମିଇ ମାନଙ୍କ ତାଲିମ ଶିବିର ରାୟଗଡା

ରାୟଗଡ଼ା, ୫।୯(ପି.ଏନ): କେନ୍ଦ୍ର ଏମଏସଏମଇ ମନ୍ତ୍ରଣାଳୟ ତରଫରୁ ରାୟଗଡାର ୧୩୦ ଜଣ ଏମଏସଏମଇମାନଙ୍କୁ ନେଇ ବଦଳୁଥିବା ଆଧୁନିକ ବଜାରିକରଣ ନେଇ ତାଲିମ ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସ୍ୱାଧାଦେବ ସିଂ ଯୋଗ ଦେଇଥିବା ସମୟ ରେ ସମ୍ମାନୀତ ଅତିଥି ଭାବେ ଡିଏସଏସଆଇଏର ସଭାପତି ଏ.ଗୋବିନ୍ଦ ରାଓ,ଓଏସଏମଇର ସଂପାଦକ ସତବିକ ସ୍ୱାଇଁ, ୟୁସିସିଆଇଏଲର ସଂପାଦକ ଏ.କେ.ସାରଦା,ଡିଆଇସି ଜିଏମ ବିକାଶ ଚନ୍ଦ୍ର ବାଇନ,କଟକ ଜିଲ୍ଲାର ଏମଏସଏମଇ-ଡିଏଫଓର ସହକାରୀ ନିର୍ଦ୍ଦେଶକଏସ ଏନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଘନୀଭୂତ ହେଲା ଘୂର୍ଣ୍ଣିବଳୟ, ୨୪ଘଣ୍ଟାରେ ଲଘୁଚାପ : ୭ ଜିଲ୍ଲାରେ ପ୍ରବଳ ବର୍ଷିବ



ଭୁବନେଶ୍ୱର,(ପି.ଏନ): ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇଛି । ଏହା ଆଗାମୀ ୨୪ଘଣ୍ଟା ଭିତରେ ଲଘୁଚାପର ରୂପ ନେବ । ଏହାର ପ୍ରଭାବରେ ରାଜ୍ୟର ୭ ଜିଲ୍ଲାର ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହିସବୁ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ, ସମ୍ବଲପୁର, ବୌଦ୍ଧ, କନ୍ଧମାଳ ଓ ଅନୁଗୁଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ।ଅନ୍ୟପକ୍ଷରେ ରାଜ୍ୟର ୧୫ଜିଲ୍ଲାରେ ଘଡଘଡି ସହ ବର୍ଷାନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ପାଣିପାଗ ବିଭାଗର ସୂଚନା ଅନୁସାରେ ବଙ୍ଗୋପସାଗରରେ ଉତ୍ତର ପୂର୍ବାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ଏବେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସ୍ଥିର ରହିଛି । ଏହା ଦକ୍ଷିଣ ଆଡକୁ ମୁହାଁଇ ସମୁଦ୍ର ପତ୍ତନରୁ ୭.୬କିମି ଉପରେ ବ୍ୟାପ୍ତ ରହିଛି । ଏହାର ପ୍ରଭାବରେ ୨୪ ଘଣ୍ଟାରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ।ସେହିପରି ଦକ୍ଷିଣ ଓଡିଶାର ଏକାଧିକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଲଘୁଚାପ ପ୍ରଭାବରେ ଆସନ୍ତା ୧୦ତାରିଖ ଯାଏଁ ବର୍ଷା ଜାରି ରହିବ । ଉପକୂଳ ଓଡିଶାରେ ବର୍ଷା ସାଙ୍ଗକୁ ଘନଘନ ବଜ୍ରପାତର ଆଶଙ୍କା ରହିଛି । ତେବେ ୭ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ୫ତାରିଖରେ ଉପକୂଳ ଓ ଦକ୍ଷିଣ ଓଡିଶାର ବିଭିନ୍ନ ସ୍ଥାନରେ ଅଧିକ ବର୍ଷା ହେବ । ୭ତାରିଖରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି ।

## ସିମ୍ କାର୍ଡ ବିକ୍ରି ପାଇଁ ଆସିଲା ନୂଆ ନିୟମ



ଭୁବନେଶ୍ୱର,୫।୯(ପି.ଏନ): ସିମ୍ କାର୍ଡ ବିକ୍ରି ପାଇଁ ଆସିଲା ନୂଆ ନିୟମ। ଯେ କେହି ଚାହିଁଲେ ବିକି ପାରିବେନି ସିମ୍ କାର୍ଡ। କେବଳ ପଞ୍ଜୀକୃତ ବିକ୍ରେତାଙ୍କୁ ମିଳିବ ସିମ୍ କାର୍ଡ ବିକ୍ରି ଅନୁମତି। ଅକ୍ଟୋବର ପହିଲାରୁ ଲାଗୁହେବ ଏ ନୂଆ ନିୟମ।ଜାଲ ସିମ୍ କାର୍ଡ ଜରିଆରେ ସାଇବର ଠକେଇ ବଢ଼ିବା ପରେ ନିକଟରେ ଦେଶର ସମସ୍ତ ଟେଲିକମ୍ ଅପରେଟରଙ୍କୁ ସର୍କୁଲାର ଜାରି କରିଛି ଟେଲିକମ୍ ବିଭାଗ। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ନିଜର ସମସ୍ତ 'ପଏଣ୍ଟ ଅଫ୍ ସେଲ' ବା ଅଧିକୃତ ବିକ୍ରେତାଙ୍କ ପଞ୍ଜୀକରଣ କରାଇବା ବାଧ୍ୟତାମୂଳକ ବୋଲି ଟେଲିକମ ଅପରେଟରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଜୀକରଣ ବେଳେ ସିମ୍ କାର୍ଡ ଭେଣ୍ଡରଙ୍କୁ ନିଜର କର୍ପୋରେଟ ପରିଚୟପତ୍ର (CIN), ବିଜିନେସ୍ ? ଲାଇସେନ୍ସ, ଆଧାର, ପାନ୍, ଜିଏସ୍‌ଟି ନମ୍ବର ପ୍ରଭୃତି ଦାଖଲ କରିବାକୁ କୁହାଯାଇଛି। ଟେଲିକମ ବିଭାଗ ଖାଲି ଏ ନିର୍ଦ୍ଦେଶ ଦେଇନି, କଡା ଚେତାବନି ମଧ୍ୟ ଦେଇଛି। ଆହୁରି ମଧ୍ୟ କୁହାଯାଇଛି, ଯଦି ସେପ୍ଟେମ୍ବର ୩୦ ତାରିଖ ପରେ କୌଣସି ଅଣ-ପଞ୍ଜୀକୃତରେ ସିମ୍ କାର୍ଡ ବିକ୍ରି ହେଉଥିବା ଧରାପଡ, ପ୍ରତି ଥର ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ଦଣ୍ଡ ଗଣିବେ ଟେଲିକମ୍ ଅପରେଟର।

## ବିଜେଡି ଜାରି କଲା ଗାଇଡଲାଇନ୍: ୧୧ରୁ ଶଙ୍ଖ ଭବନରେ ପ୍ରଶିକ୍ଷଣ, ଧାର୍ଯ୍ୟ ସମୟରେ ସାଧାରଣ ନିର୍ବାଚନ




ଭୁବନେଶ୍ୱର,୫।୯(ପି.ଏନ): ଗତ କିଛିମାସ ଧରି ଚାଲିଥିବା ଆଗୁଆ ନିର୍ବାଚନ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇ ବିଜେଡି ନିଜର ନେତାମାନଙ୍କୁ ଧାର୍ଯ୍ୟ ସମୟରେ ସାଧାରଣ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେଇଛି । ସଂଗଠନକୁ ସୁଦୃଢ଼ କରିବା ପାଇଁ ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀୱାରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୧୧ତାରିଖରୁ ଆରମ୍ଭ ହେବ । ଗତକାଲି ସନ୍ଧ୍ୟାରେ ନବୀନ ନିବାସରେ ଦଳର ପର୍ଯ୍ୟବେକ୍ଷକମାନଙ୍କ ସହ ଏହି ପ୍ରଶିକ୍ଷଣ ଶିବିରକୁ ନେଇ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଚାରବିମର୍ଶ କରିବା ପରେ ଆଜି ଦଳ ପକ୍ଷରୁ ବିସ୍ତୃତ ଗାଇଡଲାଇନ୍ ଜାରି ହୋଇଛି । ଧାର୍ଯ୍ୟ ସମୟରେ ମାର୍ଚ୍ଚ-ଏପ୍ରିଲ ମାସରେ ସାଧାରଣ ନିର୍ବାଚନ ହେବାର ଥିବାରୁ ସଂଗଠନକୁ ସୁଦୃ? କରି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ନିକଟତର ହେବାକୁ ଦଳୀୟ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଥିବା ଜଣାପଡିଛି ।ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବରିଷ୍ଠ ଉପସଭାପତି ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆବାହକ ଦେବୀପ୍ରସାଦ ମିଶ୍ର ଆଜି ବିଜେଡିର ସବୁ ଜିଲ୍ଲା ପର୍ଯ୍ୟବେକ୍ଷକମାନଙ୍କୁ ଚିଠି ଲେଖି ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୨୦୦ଜଣଙ୍କୁ ମାଷ୍ଟର ଟ୍ରେନର ଭାବେ ଶଙ୍ଖ ଭବନରେ ପ୍ରଶିକ୍ଷଣ ଦେବା ସମ୍ପର୍କରେ ଅବଗତ କରାଇଛନ୍ତି । ଶ୍ରୀ ମିଶ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗତକାଲି(ସେପ୍ଟେମ୍ବର ୪ତାରିଖ) ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ନେଇ ବିସ୍ତୃତ ଆଲୋଚନା ହୋଇଛି । ନବୀନଙ୍କ ପରାମର୍ଶରେ ଶଙ୍ଖ ଭବନରେ ଆସନ୍ତା ୧୧ ତାରିଖରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବ । ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୨୦୦ଜଣ ମାଷ୍ଟର ଟ୍ରେନରଙ୍କୁ ଭୁବନେଶ୍ୱର ଅଣାଯାଇ ପ୍ରଶିକ୍ଷଣ ଦିଆଯିବ ।

## ଏଣିକି ସନ୍ଧ୍ୟା ସମୟରେ ଟ୍ୱିନ୍ ସିଟିକୁ ଟ୍ରକ, ଟ୍ରେଲର, ହାଇୱା ପ୍ରବେଶ ମନା




ଭୁବନେଶ୍ୱର,୫।୯(ପି.ଏନ): ଦିନକୁ ଦିନ ରାଜଧାନୀ ଭୁବନେଶ୍ୱରର ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି । ବିଶେଷ କରି ସନ୍ଧ୍ୟା ସମୟରେ ରାଜଧାନୀର ବିଭିନ୍ନ ଟ୍ରାଫିକ ପୋଷ୍ଟରେ ନାହିଁ ନଥିବା ଭିଡ ଦେଖିବାକୁ ମିଳୁଛି । ତେଣୁ ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଏକ ବଡ ନିଷ୍ପତ୍ତି ନିଆଯାଇଛି । ଦ୍ୱ?ତ ନଗରୀରେ ଭାରିଯାନ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଛି । ନୂଆ ନିଷ୍ପତ୍ତି ମୁତାବକ, ଏଣିକ ସନ୍ଧ୍ୟା ୫ଟାରୁ ୭.୩୦ ପର୍ଯ୍ୟନ୍ତ ସହର ମଧ୍ୟକୁ ୬ ଚକିଆ ଯାନ ପ୍ରବେଶ କରିପାରିବ ନାହିଁ । କସମୋପଲିସ ଛକରୁ ହଂସପାଳ, ଶିଖରପୁରରୁ ମଧୁପାଟଣା, ପିତାପଲ୍ଲୀ ଛକ ପଟୁ ଭୁବନେଶ୍ୱର ଆଡକୁ ଓ ମଙ୍ଗୁଳି ଛକପଟୁ କଟକ ସହର ପର୍ଯ୍ୟନ୍ତ ବେଶି ମାତ୍ରାରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ତେଣୁ ଟ୍ୱିନ୍ ସିଟିକୁ ଟ୍ରକ, ଟ୍ରେଲର ଓ ହାଇୱା ପ୍ରବେଶ ନିଷେଧ କରାଯାଇଥିବା ନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି ।ଟ୍ୱିନ ସିଟିରେ ସକାଳ ୯ଟାରୁ ୧୧ଟା ଓ ଅପରାହ୍ଣ ୪ଟାରୁ ରାତି ୯.୩୦ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି । ତେଣୁ ଭାରି ଯାନ ଉପରେ କଟକଣା ଲାଗୁ କରାଯିବା ସହ ଏନେଇ ପୋଲିସ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ସହର ମଧ୍ୟରେ ଭାରିଯାନ ଚଳ ପ୍ରଚଳ ନ କରିବା ଫଳରେ ଜରୁରୀକାଳୀନ ସେବା ଗାଡି ସହଜରେ ଯାତାୟାତ କରିପାରିବ । ଅନେକ ସମୟରେ ଟ୍ରାଫିକ ଭିଡରେ ଆମ୍ବୁଲାନ୍ସ ଫଶି ରହିବା କାରଣରୁ ଅନେକଙ୍କର ଜୀବନ ଚାଲିଯାଇଥିବାର ଖବର ମଧ୍ୟ ଶୁଣିବାକୁ ମିଳିଛି । ରାସ୍ତାରୁ ଭାରିଯାନ ହଟିଲେ ଜନସାଧାରଣ ମଧ୍ୟ ସହଜରେ ଯିବାଆସିବା କରିପାରିବେ ।

## ହାଇକୋର୍ଟରେ ଶପଥ ନେଲେ ୨ ନୂଆ ବିଚାରପତି : ମୁଖ୍ୟ ବିଚାରପତି କରାଇଲେ ଶପଥ ଗ୍ରହଣ

କଟକ,୫।୯(ପି.ଏନ): ହାଇକୋର୍ଟରେ ଶପଥ ଗ୍ରହଣ ୨ ନୂଆ ବିଚାରପତି । ଏହି ଦୁଇ ଜଣଙ୍କୁ ଶପଥ ପାଠ କରିଛନ୍ତି, ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଶୁଭାଶିଷ ତାଳପତ୍ର । ହାଇକୋର୍ଟର ପୁରୁଣା ବିଲ୍ଡିଂର ନୂତନ ସମ୍ମିଳନୀ କକ୍ଷରେ ଶପଥ ଗ୍ରହଣ ଉତ୍ସବ ଆୟୋଜନ କରାଯାଇଥିଲା । ନୂତନ ଦୁଇ ବିଚାରପତି ମିଶିବା ପରେ ହାଇକୋର୍ଟର ଓକିଲଙ୍କ ସଂଖ୍ୟା ୨୨କୁ ସ୍ଥାନାନ୍ତରିତ ହୋଇଛି ।ସୂଚନା ଅନୁଯାୟୀ, ଆଜି ଜଷ୍ଟିସ ଶିବ ଶଙ୍କର ମିଶ୍ର ଏବଂ ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଦୁହେଁ ନୂତନ ବିଚାରପତି ଭାବେ ହାଇକୋର୍ଟରେ ଶପଥ ଗ୍ରହଣ କରିଛନ୍ତି । ଏହି ଶପଥ ଗ୍ରହଣ ସମ୍ମିଳନୀଟି ହାଇକୋର୍ଟର ପୁରୁଣା ବିଲ୍ଡିଂର ନୂତନ ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା । ବର୍ତ୍ତମାନ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨୨ରେ ପହଞ୍ଚିଯାଇଛି । ଏହି ଦୁଇ ଜଣଙ୍କୁ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଶୁଭାଶିଷ ତାଳପତ୍ର ଶପଥ ପାଠ ଗ୍ରହଣ କରାଇଛନ୍ତି ।ଏହି ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି, ପୂର୍ବତନ ବିଚାରପତି, ବହୁ ବରିଷ୍ଠ ଆଇନଜୀବୀ, ହାଇକୋର୍ଟ ବାର ଆସୋସିଏସନର କର୍ମକର୍ତ୍ତା ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

# ସିବିଆଇ ଲୋକଙ୍କ ପାଖକୁ ଯାଉଛି, ଭିଜିଲାନ୍ସ ଶୋଇଛି

ରାଉରକେଲା, ୫।୯।( ରାଜ୍ୟରେ ନିକଟରେ ସିବିଆଇ ଏସପି ଅଫିସ ମେସେଜ କରି ଦୁର୍ନୀତି ବିରୋଧରେ ଅଭିଯୋଗ ଦାଖଲ କରିବାକୁ ଆହ୍ୱାନ ଦେଇଥିବା ବେଳେ ରାଜ୍ୟରେ ରାଉରକେଲା ଭିଜିଲାନ୍ସ ଡିଭିଜନ ଶୋଇ ରହିଛି। ଫଳରେ ରାଉରକେଲା ସମେତ ସମଗ୍ର ଜିଲ୍ଲାରେ ଲାଂଚ ନଦେଲେ କାମ ନାହିଁ ଭଳି ସ୍ଥିତିରେ ପହଁଚିଲାଣି । ନିକଟରେ ରାଜ୍ୟ ସିବିଆଇ ଅଫିସ ଭୁବନେଶ୍ୱର ପକ୍ଷରୁ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଲାଗି ଦୁଇଟି ନମ୍ବର ୯୪୩୮୨୩୩୨୭୭ ଓ ୦୬୭୪୨୫୬୧୫୬୭କୁ ଡାଏଲ କରି ରେଳବାଇ, ବ୍ୟାଙ୍କ ସମେତ କେନ୍ଦ୍ରୀୟ ଅନୁଷ୍ଠାନ ଗୁଡିକରେ ଲାଂଚ କାରବାର ହେଉଥିଲେ ସେ ନେଇ ଏହି ନମ୍ବର ଗୁଡିକରେ ଏତଲା ଦେବାକୁ ଆହ୍ୱାନ କରାଯାଇଛି । ଏହି ନମ୍ବରକୁ ଯୋଗାଯୋଗ ପାଇଁ ଚେଷ୍ଟା କରାଜିବା ପରେ ଏହା ସିବିଆଇର ନମ୍ବର ବୋଲି ଜଣାପଡିଥିଲା । ତେବେ ଏଭଳି କାର୍ଯ୍ୟ ନିଶ୍ଚୟ ସ୍ୱାଗତ ଯୋଗ୍ୟ ପଦକ୍ଷେପ, କିନ୍ତୁ ସେପଟେ ରାଜ୍ୟ ଭିଜିଲାନ୍ସକୁ ଯଦି ଦେଖାଯାଏ ତେବେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଅନେକ ଡିଏ, ଲାଂଚ ମାମଲା କରାଯାଉଥିବା ବେଳେ ରାଉରକେଲାରେ ଏସପି ଅଫିସ ହେବା ସତ୍ୱେ ଏଠାରେ ଆଜିକୁ ୪ ବର୍ଷ ଭିତରେ ଗୋଟିଏ ହେଲେ ମାମଲା ହୋଇପାରିନାହିଁ । ଏଠାରେ ଥିବା ଭିଜିଲାନ୍ସ ଅଫିସକୁ ଉନ୍ନତ କରି ସରକାର ଏଠାରେ ଜଣେ ଏସପି ଦେଲେ, ଆବଶ୍ୟକୀୟ କର୍ମଚାରୀ ଓ ଗାଡି ମଧ୍ୟ ଦେଲେ, ହେଲେ ଆଖି ପାଖରେ କେତେବେଳେ ମାମଲାଟିଏ କରିଦେଇ ବାବୁ ମାନେ ମାସିକିଆ ସରକାରୀ ଦରମା ଓ ମାସିକିଆ ଭତା ନେଇ ଆରାମରେ ଶୋଇଥିବା ବେଳେ ରାଉରକେଲା ସରକାରୀ ଅଫିସ ଗୁଡିକରେ ଲାଂଚ କାରବାର ଚରମ ସୀମାରେ ପହଁଚିଲାଣି । ଯଦି କେବେ କେହି ଏନେଇ କହିଲା ତାକୁ ଉତର ଆସୁଛି, ଗୋଟିଏ ମାମଲା ଦେଉ ନାହାନ୍ତି, ଆମେ ଧରିବୁ, ନଚେତ କୁହାଯାଉଛି ଉପରୁ ଆଦେଶ ନଆସିଲେ କିଛି କରିହେବନି। ଯାହାଦ୍ୱାରା କାମ ନକରି ଆରାମରେ ରୋଜଗାର କରି ରାଉରକେଲାରେ ସମୟ କାଟିବା ଲାଗି ହୋଇଥିବା ମହତ ଉଦ୍ଦେଶ୍ୟ ପଦାରେ ପଡୁଛି । ଏନେଇ ବାରମ୍ବାର ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଲେ ମଧ୍ୟ ଉପର ବାବୁ ମାନେ ନୀରବ। ଫଳରେ ରାଉରକେଲା ଭିଜିଲାନ୍ସ ଏକ ପ୍ରକାର କୋମା ଅବସ୍ଥାରେ ପହଁଚିଛି । ରାଉରକେଲା ମହାନଗର ନିଗମରେ ରାତି ଦିନ ଲାଂଚ କାରବାର ଖୋଲା ଖୋଲି ଚାଲିଥିବା ବେଳେ ଭିଜିଲାନ୍ସ ଆଜି ଯାଏ ତାର ଇତିହାସରେ ଗୋଟାଏ ହେଲେ ମାମଲା ରୁଜୁ କରିପାରି ନାହିଁ । ପାଖରେ ରହିଛି ପୂର୍ତ୍ତ ବିଭାଗ ଅଫିସ। ଏ ଅଫିସରେ ସକାଳୁ ସଂଧ୍ୟା ଯାଏ ନଗଦ ଲାଂଚ କାରବାର ଚାଲିଥିବା ଅଭିଯୋଗ ହେଉଛି। ଏଠି ମଧ୍ୟ ଭିଜିଲାନ୍ସ ହାତ ମାରିପାରିନାହିଁ। ମାପ ଓଜନ ବିଭାଗ ଏଠାକାର ବାବୁ ସପ୍ତାହ ୧୫ ଦିନରେ ଆସି ମାସିକିଆ ବଟୀ ଆଦାୟ କରି ବସରେ ଭୁବନେଶ୍ୱର ଫେରୁଥିବା ଅଭିଯୋଗ ହେଉଛି, ସେଠି ମଧ୍ୟ ଭିଜିଲାନ୍ସ ହାତ ମାରିପାରୁନାହିଁ । ଫାକ୍ଟ୍ରୀ ବୟଲର ବିଭାଗର ବାବୁ ମାନେ ଭାବି ସାରିଛନ୍ତି ଏଠି ଭିଜିଲାନ୍ସ ନାହିଁ । ଆର ଆଇ, ତହସିଲ. କୋଇଡା ରାଉରକେଲା ଖଣି ବିଭାଗ ଅଫିସ, ଆରଟିଓ ଅଫିସ, ଡ୍ରଗ୍ ଇନ୍ସପେକ୍ଟର ଅଫିସ ଭଳି ନିୟମିତ କାମ ରହୁଥିବା ଅଫିସ ଗୁଡିକରେ ବ୍ୟାପକ ଲାଂଚ କାରବାର ଚାଲିବା ସହ ବାବୁ ମାନଙ୍କ ଠାରୁ ଅଧିକାରୀ ମାନେ ଭୁବନେଶ୍ୱର, ରାଉରକେଲା, କଟକରେ ଘରଦ୍ୱାର କିଣି ମାଲାମାଲ, କିନ୍ତୁ ଭିଜିଲାନ୍ସ ବାଲାଙ୍କ ଆଖିକୁ ଏସବୁ ଦେଖାଯାଉନାହିଁ ।ଏତ ଗଲା ସରକାରୀ ଅଫିସ, ରାଉରକେଲାର ଦୁଧିଆଳି ଥାନା ଯଥା, ବ୍ରାହ୍ମଣୀ ତରଙ୍ଗ, ଟାଙ୍ଗରପାଲ୍ଲୀ, ପ୍ଲାଟଂସାଇଡ, ଉଦିତନଗର, ରଘୁନାଥପାଲ୍ଲୀ ଥାନା ଗୁଡିକରେ ପୋଷ୍ଟିଂ ଲାଗି ଅନେକ ପ୍ରତିଯୋଗିତା, ଉପରେ ମାଲ ଖର୍ଚ୍ଚ କରି ମାସିକିଆ ଫିକ୍ସ ହେଲେ କୁଆଡେ ଏସବୁ ଥାନାରେ ରହି ବେଶ ଦୁଇପଇସା ରୋଜଗାର କରିହୁଏ । ଏ ସବୁ ଥାନାରେ କଳକାରଖାନା ବାଲାଙ୍କ ମାସିକିଆ ସାଙ୍ଗକୁ ନିଶା ବେପାରୀ ଠିକାଦାର ଆପେ ଆପେ ଆସି ଦେଖା କରି ଯାଆନ୍ତି, ତେଣୁ ବାବୁ ମାନଙ୍କର ୨/୩ ବର୍ଷରେ ବେଶ ଦୁଇପଇସା କୁଆଡେ ରୋଜଗାର ହୋଇପାରେ । ଅନେକ ଆସି ମାଲାମାଲ ହୋଇ ଗଲେ, ହେଲେ ନିଜ ଜାତି ଭାଇ ବୋଲି ଭିଜିଲାନ୍ସ ଆଖିକୁ ତାହା ଦେଖାଯାଉନଥିବା କୁହାଯାଉଛି । ଏଭଳି ନୀରବତା ଲାଗି ଲୋକଙ୍କର ମଧ୍ୟ ଭିଜିଲାନ୍ସ ଉପରୁ ଭରଷା ତୁଟିବାରେ ଲାଗିଛି, ତେଣୁ ସିବିଆଇ ଭଳି ଭିଜିଲାନ୍ସକୁ ତତ୍ପର କରି ଲୋକଙ୍କୁ ସେବା ଯୋଗାଇବାକୁ ଦାବି ହେଉଛି ।

## ଅଧୀକ୍ଷଣ ଯନ୍ତ୍ରୀ ପ୍ରମୋଦ ବିନ୍ଧାଣି ବହିଷ୍କୃତ, ୩୨ ବର୍ଷ ତଳେ ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ କରିଥିଲେ ଚାକିରି



ଭୁବନେଶ୍ୱର,୫।୯(ପି.ଏନ): ପାରାଦୀପ ବନ୍ଦର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୋଦ କୁମାର ବିନ୍ଧାଣିଙ୍କୁ ଚାକିରୀରୁ ବରଖାସ୍ତ କରାଯାଇଛି। ଝଖଝଉ (ଷ୍ଟେଟ ଲେଭେଲ ସ୍କ୍ରୁଟିନି କମିଟି) ନିର୍ଦ୍ଦେଶରେ ତାଙ୍କୁ ବରଖାସ୍ତ କରିଛନ୍ତି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ। ଜାଲ୍ ? ଜାତିଗତ ପ୍ରମାଣପତ୍ର ଦେଇ ସେ ଚାକିରି କରିଥିବା ଜଣାପଡିବା ପରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୧୯୯୧ରେ ପ୍ରମୋଦ କୁମାର ବିନ୍ଧାଣି ପାରାଦୀପ ବନ୍ଦରରେ ସହକାରୀ ଯନ୍ତ୍ରୀ (ସିଭିଲ) ଭାବେ ନିଯୁକ୍ତି ପାଇଥିଲେ। ଅନୁସୂଚିତ ଜନଜାତି (ଏସ୍?ଟି) ପ୍ରାର୍ଥୀଙ୍କ ନିମନ୍ତେ ସଂରକ୍ଷିତ ଥିବା ପଦବୀରେ ତାଙ୍କୁ ଦିଆଯାଇଥିଲା ନିଯୁକ୍ତି। ୨୦୦୨ରେ ନିର୍ବାହୀ ଯନ୍ତ୍ରୀ ଏବଂ ୨୦୦୭ରେ ଅଧୀକ୍ଷଣ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ପ୍ରମୋଦ କୁମାର ବିନ୍ଧାଣି।୨୦୨୧ରେ କନ୍ଧମାଳର ବିଶ୍ୱଜିତ ପ୍ରଧାନ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ ପ୍ରମୋଦ କୁମାର ବିନ୍ଧାଣି ଜାଲ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି କରିଛନ୍ତି। ଏହାପରେ ମୟୂରଭଞ୍ଜ ଭିଜିଲାନ୍ସ ସେଲ୍, ଉଦଳା, ବଡସାହି, ଖୁଣ୍ଟା ପ୍ରଭୃତି ତହସିଲ, ମୟୂରଭଞ୍ଜ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଭଳି ବିଭିନ୍ନ ଏଜେନ୍ସି ଦ୍ୱାରା ବିଭିନ୍ନ ସମୟରେ ତଦନ୍ତ କରାଯାଇଛି। ଜାତୀୟ ଜନଜାତି କମିଶନ ମଧ୍ୟ ପାରାଦୀପ ପୋର୍ଟକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୀସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯିବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ



ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ


ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ


ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ


ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା


ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା


ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପଞ୍ଚସାଗର ଶକ୍ତିପୀଠ, ବାରଣାସୀ



ପଞ୍ଚସାଗର ଶକ୍ତିପୀଠ ହିନ୍ଦୁ ମାନଙ୍କ ପାଇଁ ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରେ ଗୋଟିଏ। ଏହି ଶକ୍ତିପୀଠ ଉତ୍ତରପ୍ରଦେଶ ରାଜ୍ୟର ବାରଣାସୀ ରେ ଅବସ୍ଥିତ। ପଞ୍ଚସାଗର ମନ୍ଦିରରେ ମାତା ସତୀଙ୍କୁ ବରାହୀ ରୂପରେ ପୂଜା କରାଯାଏ। ହିନ୍ଦୁ ଧର୍ମରେ ବରାହୀ ମାତାଙ୍କୁ ତିନି ଶ୍ରେଣୀରେ ପୂଜା କରାଯାଏ, ଶକ୍ତିସ୍ମ(ଦେବୀଙ୍କୁ ପୂଜା କରାଯାଏ), ଶୈବୀସ୍ମ(ଭଗବାନ ଶିବଙ୍କୁ ପୂଜା କରାଯାଏ) ଓ ବୈଷ୍ଣବୀସ୍ମ(ଭଗବାନ ବିଷ୍ଣୁଙ୍କର ପୂଜା କାଯୋଏ।



ପଞ୍ଚସାଗର ମନ୍ଦିରର ବାସ୍ତୁକଳା ଖୁବ୍ ସୁନ୍ଦର ଓ ମନୋରମ। ମନ୍ଦିରରେ ଉପଯୋଗ ହୋଇଥିବା ପଥର ଗୁଡ଼ିକ ବାସ୍ତବରେ ଅନ୍ୟ ଅପେକ୍ଷା ସ୍ୱତନ୍ତ୍ର। ଏହି ପଥର ଗୁଡ଼ିକ ସୂର୍ଯ୍ୟ କିରଣରେ ଚମକ ସୃଷ୍ଟି କରେ। ଏହି ମନ୍ଦିରର ମୁଖ୍ୟ ବିଶେଷତା ହେଲା ଯେ, ଏହି ମନ୍ଦିର କେବଳ ସକାଳ ବେଳା ମାତ୍ର ଦୁଇଘଣ୍ଟା ପାଇଁ ଖୋଲାରୁହେ। ବାକି ପୂରାଦିନ ବନ୍ଦ ରୁହେ। କୁହାଯାଏ ଯେ, ରାତିରେ ମାତା ବରାହୀ ବାରଣାସୀକୁ ସୁରକ୍ଷା ଦିଅନ୍ତି।

ପୌରାଣିକ କଥା ଅନୁସାରେ ଦେବୀ ବରାହୀ ଶବ୍ଦକୁ ଶକ୍ତି ରୂପରେ ପୂଜା କରାଯାଏ। ସେହିପରି ବରାହୀ ଶବ୍ଦ ଭଗବାନ ବିଷ୍ଣୁଙ୍କ ବରାହ ଅବତାରରୁ ସୃଷ୍ଟି ହୋଇଛି। ଏହି ମନ୍ଦିର ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଅନ୍ୟତମ। ଏହି ମନ୍ଦିରରେ ଶକ୍ତିଙ୍କୁ "ବରାହୀ" ରୂପରେ ପୂଜା କରାଯାଏ ଓ ଭଗବାନ ଶିବଙ୍କୁ "ମହାରୁଦ୍ର" ରୂପରେ ପୂଜା କରାଯାଏ। "ମହାରୁଦ୍ର"ର ଅର୍ଥ ପ୍ରଚଣ୍ଡ ରାଗିବାର ଅବତାର।



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ କରିଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ଯେଉଁପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେଥିପାଇଁ ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।


କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।



ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ବାରଣାସୀରେ ମାତା "ବରାହୀ" ଦେବୀଙ୍କ ଶକ୍ତିପୀଠ ଅନ୍ୟତମ। ଧାର୍ମିକ ଗ୍ରନ୍ଥ ଅନୁସାରେ ଏଠାକାର ଯେଉଁ ସ୍ଥାନରେ ମାତା ସତୀଙ୍କର "ବରାହୀ"ଦେବୀଙ୍କ ଶକ୍ତିପୀଠ ରହିଛି, ସେଠାରେ ମାତା ସତୀଙ୍କର 'ତଳଦାନ୍ତ ଖଣ୍ଡ' ପଡ଼ିଥିଲା।

ପଞ୍ଚସାଗର ଶକ୍ତିପୀଠରେ ସବୁ ପର୍ବପର୍ବାଣୀ ଆନନ୍ଦ-ଉଲ୍ଲାସର ସହ ପାଳିତ ହୁଏ। ବିଶେଷ କରି ଶିବରାତ୍ରି, ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ସମୟରେ ମାତାଙ୍କର ସ୍ୱତନ୍ତ୍ର ପୂଜା ଆୟୋଜନ ହୋଇଥାଏ। ପର୍ବ ଦିନ ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସଜାଯାଏ। ବର୍ଷର ସବୁ ସମୟରେ ମାତା "ବରାହୀ"ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

**ଶରତ କୁମାର ରାଉତ, ଭୁବନେଶ୍ୱର, ମୋ: ୯୩୩୭୩୬୯୪୮**



Panchsagar Shakti Peeth, Uttar Pradesh

# ରାଜ୍ୟପାଳଙ୍କ ଭୂମିକା ନିର୍ବିବାଦୀୟ ହେଉ !



ରାଜ୍ୟପାଳ ପଦବୀକୁ ନେଇ ଆମ ଦେଶରେ ବିବାଦ କିଛି ନୂଆ କଥା ନୁହେଁ। ଦେଶ ସ୍ୱାଧୀନ ହେବା ପରଠାରୁ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଲାଗି ରହିଛି। ଯେଉଁଠି ବିରୋଧିଦଳର ସରକାର ରହିଛି, ସେହି ରାଜ୍ୟରେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ମୁଣ୍ଡ ଟେକିଥାଏ, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଏବେ କେରଳରେ ରାଜ୍ୟପାଳଙ୍କ ଭୂମିକାକୁ ନେଇ ବିବାଦ ଚରମ ସୀମାରେ ପହଁଚିଥିବାବେଳେ ହାଇକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। କେରଳର ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ରାଜ୍ୟପାଳ ଆରିଫ ମହମ୍ମଦ ଖାଁନ ବରଖାସ୍ତ କରିବା ପରେ ରାଜ୍ୟପାଳ-ରାଜ୍ୟ ସରକାର ମୁହାଁମୁହିଁ ହୋଇଛନ୍ତି। କହିବା ବାହୁଲ୍ୟ ଯେ, ରାଜ୍ୟପାଳ ହେଉଛନ୍ତି ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି। ସେ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିଙ୍କୁ ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ ନିଯୁକ୍ତି ଦେଇଥାନ୍ତି। ସେହିପରି ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ କୁଳପତିମାନଙ୍କୁ ବହିଷ୍କାର କିମ୍ବା କାର୍ଯ୍ୟରୁ ଅନ୍ତର କରିଥାନ୍ତି। କେରଳରେ ଏବେ ବାମପନ୍ଥୀ ସରକାର କ୍ଷମତାସୀନ ଥିବାବେଳେ ଶ୍ରୀ ଖାନ ହେଉଛନ୍ତି କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳ। କେବଳ କୁଳାଧିପତିଙ୍କୁ ବରଖାସ୍ତ ନୁହେଁ, ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟପାଳଙ୍କ ସହ ରାଜ୍ୟ ସରକାର ମୁହାଁମୁହିଁ ହୋଇଛନ୍ତି। ତେବେ ସର୍ବଶେଷ ବିବାଦ ହେଉଛି କୁଳାଧିପତିଙ୍କୁ ନେଇ। ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନୂତନ କୁଳପତି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସମସ୍ତ ୯ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଇସ୍ତଫା ଦେବା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ମୁଖ୍ୟମନ୍ତ୍ରୀ କେ. ବିଜୟନଙ୍କ ସରକାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଚୂଡାନ୍ତ ଶୁଣାଣୀ ନହେବା ପର୍ଯ୍ୟନ୍ତ କୁଳପତିମାନେ ନିଜ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟପାଳଙ୍କ କୁଳାଧିପତି ଭାବେ କୁଳପତି ନିଯୁକ୍ତି କ୍ଷମତା ରଦ୍ଦ ପାଇଁ ଏକ ବିଲ୍ ବିଧାନସଭାରେ ଗୃହିତ ହୋଇଥିବାବେଳେ ଏବେ ତାହା ରାଜ୍ୟପାଳଙ୍କ ସ୍ୱୀକୃତି ଅପେକ୍ଷାରେ ରହିଛି। ସୂଚିତ କରାଯାଇପାରେ ଯେ, ଅତୀତରେ ପଶ୍ଚିମବଙ୍ଗ ଓ ତାମିଲନାଡୁ ରାଜ୍ୟ ସରକାର ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ରାଜ୍ୟପାଳଙ୍କ କୁଳପତି ନିଯୁକ୍ତି ନେଇ ରହିଥିବା ସ୍ୱତନ୍ତ୍ର କ୍ଷମତାକୁ ପ୍ରତ୍ୟାହାର କରି ନେଇଛନ୍ତି। ଏହା ସତ୍ୟ ଯେ, ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନକର ଏବଂ ତାମିଲନାଡୁର ରାଜ୍ୟପାଳ ଆର.ଏନ. ରବିଙ୍କ ସହ ରାଜ୍ୟ ସରକାରଙ୍କ ବିବାଦ କାହାରିକୁ ବୋଧହୁଏ ଅଛପା ନଥିବ। ପରିସ୍ଥିତି ଏପରି ହୋଇଥିଲା ଯେ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ, କଥା କଟାକଟି, ପ୍ରତିଦିନ ଗଣମାଧ୍ୟମର ପ୍ରମୁଖ ଖବର ପାଲଟିଥିଲା। ଆହୁରି ମଧ୍ୟ ଅତୀତରେ ମହାରାଷ୍ଟ୍ର ଓ ପୁଡୁଚେରୀ ରାଜ୍ୟପାଳଙ୍କୁ ନେଇ ବିବାଦ ଚରମସୀମାରେ ପହଁଚିଥିଲା। ଶେଷରେ କେନ୍ଦ୍ର ସରକାର ପୁଡୁଚେରୀର ତତ୍କାଳୀନ ଉପ-ରାଜ୍ୟପାଳ କିରଣ ବେଦୀଙ୍କୁ ଅପସାରଣ କରିବାକୁ ବାଧ୍ୟ ହୋଇଥିଲେ। ଏବେ ଦିଲ୍ଲୀର ନିର୍ବାଚିତ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଉପ-ରାଜ୍ୟପାଳ ମଧ୍ୟରେ କ୍ଷମତାକୁ ନେଇ ବିବାଦ ଅଦାଲତରେ ପହଁଚିଛି। ଏହା ସତ୍ୟ ଯେ, 'ରାଜ୍ୟପାଳ' ଏକ ସାମ୍ବିଧାନିକ ପଦବୀ। ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶକ୍ରମେ ରାଜ୍ୟପାଳ କାର୍ଯ୍ୟ କରନ୍ତି। ମାତ୍ର କେନ୍ଦ୍ରରେ କ୍ଷମତାସୀନ ଥିବା ସରକାରଙ୍କୁ ଖୁସି କରିବାକୁ ଯାଇ ରାଜ୍ୟପାଳମାନେ କାର୍ଯ୍ୟ କରିବା ଯୋଗୁଁ ବିବାଦ ଉପୁଜିବା ସ୍ୱାଭାବିକ। ଅତୀତରେ ମଧ୍ୟ ଏହି କାର୍ଯ୍ୟ କରିବା ଯୋଗୁଁ ବିବାଦ ଉପୁଜିବା ସ୍ୱାଭାବିକ। ଅତୀତରେ ମଧ୍ୟ ରାଜ୍ୟପାଳ ପଦବୀ ଉଚ୍ଛେଦ ନେଇ ଦାବି ଜୋର ଧରିଥିଲା। ଏବେ କ୍ଷମତାରେ ଥିବା ବିଜେପି ବିରୋଧିଦଳରେ ଥିବାବେଳେ ତତ୍କାଳୀନ ବିରୋଧିଦଳ ନେତା ଲାଲକୃଷ୍ଣ ଆଡଭାନୀ ରାଜ୍ୟପାଳ ପଦବୀ ଉଚ୍ଛେଦ ପାଇଁ ଦୃଢ ଦାବି କରିଥିଲେ। ଆହୁରି ମଧ୍ୟ ଏହା ନିଶ୍ଚିତ ଯେ, ରାଜ୍ୟପାଳ ପଦବୀ ଏବେ କେନ୍ଦ୍ରରେ କ୍ଷମତାସୀନ ଥିବା ସରକାରର ଏକ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ଯେଉଁଥିପାଇଁକି ଦିନକୁ ଦିନ ରାଜ୍ୟପାଳ ପଦବୀକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ରାଜ୍ୟପାଳଙ୍କ ଭୂମିକା ନିର୍ବିବାଦୀୟ ହେବା ଜରୁରୀ। ରାଜ୍ୟର ତଥା ଜନସାଧାରଣଙ୍କର ହିତ, କଲ୍ୟାଣ ପାଇଁ ରାଜ୍ୟପାଳ-ରାଜ୍ୟ ସରକାର ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ। ଯାହା ଦ୍ୱାରା ସମ୍ବିଧାନର ନିର୍ଦ୍ଦେଶ, ପବିତ୍ରତା ଅକ୍ଷୁର୍ଣ୍ଣ ରହିବ। ରାଜ୍ୟ ସରକାର-ରାଜ୍ୟପାଳ ମଧ୍ୟରେ ହେଉଥିବା ବିବାଦ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ଏବଂ ଶୁଭଙ୍କର ନୁହେଁ, ଏହା ମନେରଖିବାକୁ ହେବ। ଅନ୍ୟଥା ରାଜ୍ୟପାଳ-ରାଜ୍ୟ ସରକାରଙ୍କ ବିବାଦରେ ନିରୀହ ଜନସାଧାରଣ ବଳି ପଡିବା ସାର ହେବ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯**

# ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଦ୍ୱାରା ବେସିକ୍ ତାଲିମ ଶିବିର



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ତାଲିମ ଶିବିର କବ୍ ମାଷ୍ଟର ଏବଂ ରୋଭର ସ୍କାଉଟ ଲିଡର (ଉଚ୍ଚବିଦ୍ୟାଳୟ ଶିକ୍ଷକ)ମାନଙ୍କ ପାଇଁ ଏକାଦିକ୍ରମେ ଦୁଇଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ତା୨୭.୧୦.୨୦୨୨ରିଖଠାରୁ ଆରମ୍ଭ ହୋଇଅଛି। ଉକ୍ତ ଶିବିରରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଭୁବନେଶ୍ୱର, କଟକ, ଢ଼େଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଜଗତସିଂହପୁର, କନ୍ଧମାଳ, କେନ୍ଦ୍ରାପଡା, କେଉଁଝର, କଳାହାଣ୍ଡି, ଖୋର୍ଦ୍ଧା, ମୟୁରଭଞ୍ଜ, ନୂଆପଡା, ନୟାଗଡ, ପୁରୀ, ରାୟଗଡା ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରୁ ୫୮ ଜଣ କବ୍ ମାଷ୍ଟର ଏବଂ ୩୬ ଜଣ ରୋଭର ସ୍କାଉଟ ଲିଡର ତାଲିମ ନେବାପାଇଁ ଯୋଗଦାନ କରିଛନ୍ତି। ତା୨୭।୧୦।୨୨ରିଖ ଦିନ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ ଏବଂ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନାମିକା ଦାସ ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ମାନଙ୍କୁ ବିଦ୍ୟାଳୟରେ କବ୍ ଓ ରୋଭର ମାଧ୍ୟମରେ ଛାତ୍ରମାନଙ୍କୁ ଜଣେ ଜଣେ ଭଲ ସୁନାଗରିକ ଭାବେ ଗଢ଼ିତୋଳିବା ସହିତ ସେମାନଙ୍କୁ ରାଜ୍ୟ ପୁରସ୍କାର ପାଇବା ଲାଗି ଠିକ୍ ଭାବେ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟକମିଶନର ଡଃ. କାଳିପ୍ରସାଦ ମିଶ୍ର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ସମସ୍ତ ଶିବିରାର୍ଥୀମାନଙ୍କୁ ସମାଜ ଲାଗି କିଛି ଭଲ କରିବାର ସୁଯୋଗକୁ ଯେପରି ହାତଛଡା ନକରିବେ ସେଥିପାଇଁ ନିଜ ବକ୍ତବ୍ୟରେ କହିଥିଲେ । ସମସ୍ତ କବ୍ ମାଷ୍ଟର ଓ ରୋଭର ସ୍କାଉଟ ଲିଡରମାନଙ୍କୁ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ସଂଗଠନକୁ ଆହୁରି ମଜବୁତ୍ କରୁଥିବାରୁ ସମସ୍ତ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏଆଇଟିୟୁସିର ପ୍ରତିଷ୍ଠା ଦିବସ ଓ ଜିଲ୍ଲା ସମ୍ମିଳନୀ ସମ୍ପନ୍ନ




ଭୁବନେଶ୍ୱର (ପିଏନ୍): ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସର ଖୋର୍ଦ୍ଧା-ଭୁବନେଶ୍ୱର ଜିଲ୍ଲା କମିଟିର ନବମ ସମ୍ମିଳନୀ ଏ.ଆଇ.ଟି.ୟୁ.ସି. ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟାଳୟର ରକ୍ତ ପତାକା ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା ଉତ୍ତୋଳନ କରିଥିଲେ। ବିଦ୍ୟୁତ୍ କର୍ମଚାରୀ ନେତା ଆକୁଳି ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ପାଦକ ସୁର ଜେନା ସମ୍ପାଦକୀୟ ରିପୋର୍ଟ ଉପସ୍ଥାପିତ କରିଥିଲେ। ଏହି ସଭାରେ ବକ୍ତବ୍ୟ ରଖି ଉପସାଧାରଣ ସମ୍ପାଦକ ବିଜୟ ଜେନା କହିଥିଲେ ଯେ, ସ୍ୱାଧୀନତା ଅଗ୍ନିଗର୍ଭରୁ ଜନ୍ମ ହୋଇଥିବା ସଂଗଠନ ଗଠନଠାରୁ ଏପର୍ଯ୍ୟନ୍ତ ଦେଶର ମେହେନତୀ ମଣିଷର ସର୍ବନିମ୍ନ ଦାବି ନେଇ ସଂଗ୍ରାମ ଜାରିରଖିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ବ୍ୟାପକ ସଂଗ୍ରାମ ନିମନ୍ତେ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ କର୍ମଚାରୀ ନେତା ସଂଜୀବ ପତି, ଆଶାକର୍ମୀ ନେତ୍ରୀ ନମିତା ସାହୁ, ବସନ୍ତ ସେଠୀ, ଗଦାଧର ସାହୁ, ପଞ୍ଚାନନ ସାହୁ, ଶ୍ରୀକୃଷ୍ଣ ପଟ୍ଟନାୟକ ଏବଂ ସିପିଆଇ ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ୩ ବର୍ଷ ନିମନ୍ତେ ଉପଦେଷ୍ଟା ଭାବେ ସଂଜୀବ ପତି, ସଭାପତି ଭାବେ ସୁର ଜେନା, ଉପସଭାପତି ଭାବେ ଆକୁଳି ନାଥ, ନମିତା ସାହୁ, ସମ୍ପାଦକ ଭାବେ ଶ୍ରୀକୃଷ୍ଣ ପଟ୍ଟନାୟକ, ସହ-ସମ୍ପାଦକ ବସନ୍ତ ସେଠୀ, ଶିବ ବେହେରା, କୋଷାଧ୍ୟକ୍ଷ ଭାବେ ରାଧାକାନ୍ତ ଶତପଥୀଙ୍କ ସମେତ ୨୦ ଜଣିଆ କମିଟି ଗଠନ କରାଯିବା ସହ ଆଗାମୀ ନଭେମ୍ବର ୧୧, ୧୨ ଓ ୧୩ ତିନିଦିନ ଧରି ରାଉରକେଲାଠାରେ ହେବାକୁ ଥିବା ତ୍ରୟୋଦଶ ରାଜ୍ୟ ସମ୍ମିଳନୀରେ ଜିଲ୍ଲାରୁ ୨୫ ଜଣ ସାଥୀ ଯୋଗଦେବେ ବୋଲି ଏକ ପ୍ରେସ୍ ବିବୃତ୍ତିରେ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

# ବାଲେଶ୍ୱର ଜିଲ୍ଲା ଜୁନିଅର ମହିଳା ହକି ଦଳର ଭୁବନେଶ୍ୱର ଯାତ୍ରା

ବାଲେଶ୍ୱର (ପିଏନ୍)- ଓଡ଼ିଶା ଜୁନିଅର ମହିଳା ହକି ଚାମ୍ପିଅନସିପ୍-୨୦୨୨ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଗତକାଲି ସକାଳ ୮ଟାରେ ବସ ଯୋଗେ ବାଲେଶ୍ୱର ଜିଲ୍ଲା ଜୁନିଅର ମହିଳା ହକି ଦଳ ଭୁବନେଶ୍ୱର ଯାତ୍ରା କରିଛି। କ୍ରୀଡ଼ା ଛାତ୍ରାବାସରୁ ବାହାରି ଏହି ଦଳ ବସ ଷ୍ଟାଣ୍ଡରେ ପହଞ୍ଚିବା ପରେ ସେଠାରେ ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସ୍ୱରୁପ କୁମାର ଦାସ କ୍ରୀଡ଼ାବିତ୍‌ମାନଙ୍କୁ ଆଶୀର୍ବାଦ ପୂର୍ବକ ସେମାନଙ୍କର ସଫଳତା କାମନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ନଭେମ୍ବର ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ହକି ସଂଘ ପ୍ରୋତ୍ସାହନ ତଥା କୋଚ୍ ଢ଼େଭିଡ ସୋରେଙ୍ଗ ଏବଂ ଲିପିପୁଷ୍ପା ବେହେରାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱରର ଏକ ୧୫ ଜଣିଆ ଜୁନିଅର ମହିଳା ହକି ଦଳ ବାଲେଶ୍ୱରବାସୀଙ୍କ ଶୁଭେଚ୍ଛା ନେଇ ଭୁବନେଶ୍ୱର ଯାତ୍ରା କରିଛି। ପ୍ରକାଶ ଥାଉକି ବାଲେଶ୍ୱର ଜିଲ୍ଲାର ମାନନୀୟ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ କ୍ରୀଡ଼ା ଛାତ୍ରାବାସର ପରିଦର୍ଶନ କରି ଏହି ହକି ଖେଳାଳୀଙ୍କ ସହ ଆଲୋଚନା କରିଥିଲେ ଏବଂ ସେମାନଙ୍କର ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଶୁଭ ମନାସିଥିଲେ। ସେମାନଙ୍କର କ୍ରୀଡ଼ା ଛାତ୍ରାବାସ ରହଣୀଠାରୁ ଭୁବନେଶ୍ୱର ଯାତ୍ରା ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତାର ବ୍ୟବସ୍ଥା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। କ୍ରୀଡ଼ାବିତ୍‌ମାନେ ହେଲେ ପ୍ରଣବୀ ଦାସ, ସ୍ୱାରକୀ ଗୋଚ୍ଛାୟତ, ସୁଷମା ମାଝୀ, ଲକ୍ଷ୍ମୀ ସିଂ, ତପସ୍ୱିନୀ ଦାସ, ରୋଜାଲିନ ସେଠୀ, ସତ୍ୟସ୍ୱରୁପ ଦାସ, ପୂର୍ଣ୍ଣିମା ମଣ୍ଡଳ, ରବି ବାର, ତନୁଶ୍ରୀ ମହାରଣା, ଦୀପିକା ନାୟକ, ବିଶ୍ୱଜୟୀ ସିଂ, ନମିତା ନାୟକ।

# ସମାଜସେବୀଙ୍କ ଅକାଳ ବିୟୋଗ



ଯାଜପୁର (ପିଏନ୍): ଯାଜପୁରର ବିଶିଷ୍ଟ ସମାଜସେବୀ ବିପିନ ବିହାରୀ ନାୟକଙ୍କର ଆକସ୍ମିକ ଭାବେ ତାଙ୍କ ଗ୍ରାମ ଜଗତପୁରଠାରେ ସାଇକେଲ ଯୋଗେ ଘରକୁ ଆସୁଥିବା ବେଳେ ଡ୍ରମ୍ପର ଧକ୍କାରେ ମୃତ୍ୟୁ ଘଟିଛି। ତାଙ୍କ ଅକାଳ ବିୟୋଗରେ ଯାଜପୁର ବିଧାୟକ ତଥା ବିଜେଡ଼ି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଯାଜପୁର ପୌରପାଳିକାର ଅଧକ୍ଷ ରଞ୍ଜୁଲତା ହୋତା, ଅଶୋକ ଦାସ, ଫାଉଣ୍ଡେସନ ସଚିବ ଭବପ୍ରସାଦ ଦାସ, ପୁତୁରା ଦେବେନ୍ଦ୍ର ନାୟକ, ଧର୍ମେନ୍ଦ୍ର ନାୟକ, ନାତି ସାମ୍ବାଦିକ ହରିହର ସ୍ୱାଇଁ, ଭରତ ନାୟକ, ଯାଜପୁର ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆର୍ତତ୍ରାଣ ନାୟକଙ୍କ ସମତେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପୈତୃକ ଗ୍ରାମ ବେରୁହା ପଞ୍ଚାୟତ ଅନ୍ତର୍ଗତ ଜଗପୁର ଗ୍ରାମରେ ପହଞ୍ଚି ଶେଷଦର୍ଶନ କରିଥିଲେ ଓ ଶୋକବାର୍ତ୍ତା ଦେଇଥିଲେ। ସେ ଜଣେ ମେଳାପୀ, ପରୋପକାରୀ, ସମାଜସେବୀ ଭାବେ ତାଙ୍କର ବେଶ ସୁନାମ ରହିଛି। ତାଙ୍କର ବଡ଼ ପୁଅ ବିଶ୍ୱରଂଜନ ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ମରଶରୀର ପାଖରେ ଦୁଇ ପୁଅ, ବୋହୂ, ଝିଅ, ଜ୍ୱାଇଁଙ୍କ ସମେତ ହଜାର ହଜାର ଲୋକ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତାରେ ମିନି ମାରାଥନ ଆୟୋଜିତ

ବାଲେଶ୍ୱର (ପିଏନ୍)- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨ ସମାରୋହ ଗତ ଅକ୍ଟୋବର ୩୧ ତାରିଖରୁ ଆସନ୍ତା ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ପାଳନ ହେଉଅଛି। ଏହି ଅବସରରେ ଗତକାଲି ଜିଲ୍ଲାସ୍ତରରେ ଏକ ଦୁର୍ନୀତି ନିବାରଣ ସଚେତନତା ମିନି ମାରାଥନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏହି ମିନି ମାରାଥନ ଗତକାଲି ସକାଳ ୭ ଘଟିକାରେ ରେମୁଣା ଗୋଲେଇଠାରୁ କଲେକ୍ଟୋରେଟ ପର୍ଯ୍ୟନ୍ତ୍ ଦୌଡ଼ାଯାଇଥିଲା ଯାହାର ଦୂରତା ଥିଲା ଆପାତତଃ ୫ କିଲୋମିଟର। ଏହି ମାରାଥନ ଦୌଡ଼ବେଳେ ସ୍ଥାନୀୟ ପୁଲିସ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଏହାର ହେପାଜତ କରିଥିଲେ। ଦୌଡ଼ ସହ ଦୁର୍ନୀତି ନିବାରଣ ସଚେତନତା ଉପରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବିଭିନ୍ନ ସ୍ଲୋଗାନମାନ ଦିଆଯାଇଥିଲା। ଏହି ମାରାଥନ ସହ ଆୟୋଜନରେ ସହଯୋଗୀ ହୋଇଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀଶଙ୍କର ଭୂୟାଁ, ପୂର୍ଣ୍ଣଚନ୍ଦ୍ର ମାଝୀ ତଥା ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀବୃନ୍ଦ। ଏହି ମାରାଥନ୍ ଦୌଡ଼ଟି ସୂଚାରୁରୂପେ ବ୍ୟବସ୍ଥିତ କଲେକ୍ଟୋରେଟ ପରିସରରେ ସମାପନ ହୋଇଥିଲା। ପ୍ରକାଶ ଥାଉକି ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ମିଳିତ ଆନୁକୂଲ୍ୟରେ ପାଳନ କରାଯାଉଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨ ସମାରୋହରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ ଅଟେ।

# ମହେଶ ହତ୍ୟା ମାମଲା, ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର (ପିଏନ୍)-ସୁଏଲପୁର କାହ୍ନୁ ଓରଫ ମହେଶ ମାଝୀ ହତ୍ୟା ମାମଲାରେ ବିଚାର କରି ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ମୁଖ୍ୟ ଅଭିଯୁକ୍ତ ବୁକୁନି ଓରଫ ଖାରବେଳ ମାଝୀକୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତ ଅଧିକ ଦୁଇବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାରେ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଥାଉକି ୨୦୧୬ ମସିହା ଅକ୍ଟୋବର ୨୩ ତାରିଖ ଭୋର ସମୟରେ ଟାଉନ ଥାନା ଅନ୍ତର୍ଗତ ସୁଏଲପୁର କୈବର୍ତ୍ତ ସାହି ରବୟା ମାଝୀଙ୍କର ଗୃହମଧ୍ୟରେ ମୁଖ୍ୟ ଅଭିଯୁକ୍ତ ବୁକୁନି ଓରଫ ଖାରବେଳ ମାଝୀ ଓ ତାଙ୍କର ସହଯୋଗୀ ହାତରେ ମାରଣାସ୍ତ୍ର ଧରି ପଶି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ କାହ୍ନୁ ଓରଫ ମହେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମହଶଙ୍କ ମା' ବାସନ୍ତୀ ମାଝୀ, ଭାଇ ରାଜେଶ ମାଝୀ, ଦାଦା ନରେନ୍ଦ୍ର ମାଝୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଟାଉନ ଥାନାରେ ମାମଲା ରୁଜୁ ହୋଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ମାମଲାରେ ୩ ଜଣ ବେଲ୍ ପାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବୁକୁନୀ ଓରଫ ମହେଶ ମାଝୀ ବିଚାର ବିଭାଗୀୟ ହାଜତରେ ରହିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୬**

# କେ ନୁହେଁ ସାହା ବିପ୍ରବର, ନିଜକୁ ନିଜେ ରକ୍ଷାକର(୧)



ପଙ୍କଜ କୁମାର ପାଣିଗ୍ରାହୀ

ଏ ସଂସାର ଦୁଃଖ ଅପାର,
ଅଜ୍ଞାନେ ଅପ୍ରାପ୍ତ ହରି, ଚେତନାକୁ ସୁଧାର !
ଲଭିବ ସୁଖ ନିଜ ଜ୍ଞାନେ,
ଜଡମାନସଙ୍କୁ କର ତିରସ୍କାର !
ସ୍ୱାର୍ଥବାଦୀ କୁହେଳିକା ପ୍ରତ୍ୟାହାର,
ନିଜ ଅନ୍ତର୍ଜ୍ଞାନ ଉଦୟ କର !
ଦେଖିବ କରୁଛ କ'ଣ,
କ'ଣ ଉଚିତ ବିଚାର ... ?!!

ଲେଖାଟିର ଚାରୋଟି ଅଧ୍ୟାୟକୁ ସମ୍ପୂର୍ଣ୍ଣ ଶେଷ ପର୍ଯ୍ୟନ୍ତ ପଢିଲେ ହିଁ ବୁଝି ହେବ ତାହାର ମହତ୍ୱ କ'ଣ /କେତେ ?!

କୁହେଳିକାର କୁହୁଡି ପହଁରି ଜ୍ଞାନିର ଚରମ ଶିର୍ଷରେ ନିଜକୁ ଅବସ୍ଥାପିତ କରୁଥିବା ସାଧାରଣ ମଣିଷଙ୍କ ବକ୍ତବ୍ୟ ଗୁଡିକ ଏକ ଭିନ୍ନ ରୁଚି ଦେଉଥିବା ବେଳେ ଚାଟୁକାରିତାର ଅନ୍ତରାଳେ ନିଜକୁ ଜଣେ ଦକ୍ଷ ମଣିଷର ପରିଚିତି ସୃଷ୍ଟି କରୁଥିବା ମଣିଷଙ୍କ ଭାବାବେଗର ସମୀକ୍ଷା କରିବା ଅତ୍ୟନ୍ତ ଜଟିଳ ! ଉପସ୍ଥିତ ସମୟରେ ଯାହାସବୁ ସାମାଜିକ ପ୍ରେରଣା ଦିଆଯାଉ ଅଛି ତଥା ବିଭିନ୍ନ ସ୍ତର, କ୍ଷେତ୍ରକୁ ନେଇ ଭିନ୍ନ ଭିନ୍ନ ବିଷୟ ଆଧାରିତ ସାମାଜିକ ପ୍ରଗତିର କୁହେଳିକା ସୃଷ୍ଟି କରାଯାଉଅଛି ସେଗୁଡିକ ମଧ୍ୟରେ ୧ ପ୍ରତିଶତ ମଧ୍ୟ ପ୍ରଗତିର ଉତ୍ସ ନୁହେଁ ବୋଲି ବୁଝନ୍ତି କେତେକ, କିନ୍ତୁ ଅଧିକାଂଶ ସେସବୁ ବିଷୟରେ ଅଜ୍ଞ । ଅଧିକନ୍ତୁ ନିର୍ବୋଧ ଭାବୁଛନ୍ତି ସତେ ଯେମିତି ଆକାଶ ମାର୍ଗରୁ ଦେବଦୂତ ସମୂହ ଉପସ୍ଥିତ ରହି ପ୍ରଚଳନ କରୁଛନ୍ତି ଆମ ସମାଜକୁ । କେବେ କେଉଁ ସମୟରେ ଦେବଦୁତ ସାଜି ଧରାବତରଣ କରିଥିବା ଶାସକ ରାଜାଙ୍କ କାହାଣୀ ଏବଂ ଉପସ୍ଥିତ ସମୟର ଶାସକଙ୍କ କୁହେଳିକା, ପ୍ରଚାର, ପ୍ରସାର ମଧ୍ୟରେ ପ୍ରଭେଦକୁ ଭେଦ କରିବା ଜ୍ଞାନ ବିହୀନ ମଣିଷଙ୍କ ସ୍ଥିତି ଯାହା ଅକଥନୀୟ । ମାଗଣା ଖାଇବା, ଅଧିକ ପାଇବା ଆଶା ଏକ ଜଡମାନସ, ଅକର୍ମଣ୍ୟର ଚେତନା ଯାହା ଆଜିର ସାମାଜିକ ଶିକ୍ଷାରେ ଜଡିତ ଏକ ବ୍ୟାପକ ମାନବିକ ଅଧିକାର ବୋଲି ଭାବନା ଗ୍ରାସ କରିଛି ସମସ୍ତଙ୍କୁ । ଏହି ପ୍ରେରଣା ଦେଉଥିବା ମଣିଷଟି ମଧ୍ୟ ସେହି ଜଡ଼ମାନସ, ଅକର୍ମଣ୍ୟ ଅଜ୍ଞାନ ଚତୁରଟିଏ ବୋଲି ବୁଝି ନାହାନ୍ତି ସାଧାରଣ ନିର୍ବୋଧ । ମାନବଧର୍ମ ବହିର୍ଭୁତ ସାମାଜିକ ଶୀର୍ଷକ୍ଷେତ୍ର ଜଡିତ ମଣିଷ ଗୁଡିକୁ ଅନୁକରଣ କରି ସେମାନଙ୍କ ସହିତ ନିଜକୁ ସମାନ୍ତରାଳ କରି ଚାଲିଥିବା ସାଧାରଣ ନିର୍ବୋଧଙ୍କ ବିଷୟ ଭାବିଲେ ସେହି ଜଡ ମାନସିକତାର ପରିସରଭୁକ୍ତ ହୋଇଯାଉଛି ଆମର ଚେତନା ଜ୍ଞାନ । ଆମ ଦେଶରେ ଅନେକ ସମ୍ପ୍ରଦାୟ, ବିଭିନ୍ନ ଦଳ, କେତେ ସଂଗଠନ, ଅନୁଷ୍ଠାନ, ମାଳ ମାଳ ପ୍ରତିଷ୍ଠାନ, ଜାତି, ଧର୍ମ, ବର୍ଣ୍ଣ ଇତ୍ୟାଦିର ସୀମା ନାହିଁ ! ଆମେ ସମସ୍ତେ କିଏ କେଉଁ ଗୋଷ୍ଠିଗତ ଆନୁଗତ୍ୟ ସ୍ୱୀକାର କରି ମଧ୍ୟ ଏକକ ରାଷ୍ଟ୍ରର ସଭ୍ୟ ସଦସ୍ୟ ଭାବେ ନିଜର ପରିଚୟ ଦେଇ ଆସୁଅଛୁ । ଏହି ଏକକ ରାଷ୍ଟ୍ର ମଧ୍ୟରେ ବିଭିନ୍ନତା ସୃଷ୍ଟି ହେବା ପଛରେ ରହିଥିବା ରହସ୍ୟର କାରଣ ଖୋଜି ନାହାନ୍ତି କେହି, କେବେ । ବିଭିନ୍ନତାବାଦର କଳା ଫର୍ଦ୍ଦ ମଧ୍ୟରେ କେତେଯେ କେଳେଙ୍କାରୀ କାର୍ନାମା, ସେଗୁଡିକୁ ବୁଝିବା କେବଳ କଷ୍ଟ ନୁହେଁ ବରଂ ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । ହେଲେ ସାଧାରଣ ନିର୍ବୋଧ ମଣିଷ ଗୁଡିକ କାହିଁକି ଅବା ବୁଝିବାକୁ ପାଇବେ ଯେ ସେହି ବିଭିନ୍ନତା ମଧ୍ୟରେ ରହିଥିବା ରହସ୍ୟ ଗୁଡିକ କ'ଣ ? ତେଣୁ ପ୍ରତ୍ୟେକ ଗୋଷ୍ଠୀର ମୁଖିଆ ମାନେ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ ନିଜ ନିଜ ମଧ୍ୟରେ ବୁଝାମଣା ସମ୍ବନ୍ଧ ରଖି ନିରୀହ ଜନସାଧାରଣଙ୍କୁ କେବଳ ନିଷ୍ପେସିତ, ପ୍ରତାରିତ କରି ନିଜସ୍ୱ ସ୍ୱାର୍ଥ ହାସଲ ଦିଗରେ ଲାଗିପଡ଼ି ଥା'ନ୍ତି ସବୁ ସମୟରେ । ଅତ୍ୟନ୍ତ ହୀନ ମାନ୍ୟତାର ସହିତ ସାଧାରଣ ଲୋକଙ୍କୁ କିଛି ଭୁଆଁବୁଲା କଥା କହି କେବଳ ଭବିଷ୍ୟତ ଉଜ୍ଜଳର ନାରା ଦେଇ ଚାଲିଛନ୍ତି ବର୍ଷ ବର୍ଷ ଧରି ଯାହାର ଅନ୍ତ କେଉଁଠି କେହି ଜାଣି ନାହାନ୍ତି । ସବୁବେଳେ ଆଶାୟୀ ହୋଇ ରହିଥିବା ସାଧାରଣ ଜନମାନସ, କ୍ଷଣ କ୍ଷଣ ଅପେକ୍ଷାରତ ଅବସ୍ଥାରେ ରହିଛନ୍ତି ଯେ ଆମର ଭଲଦିନ ଆସିବ କେବେ, ଆଉ ଆମେ ବିକଶିତ ହେବୁ କେବେ ?! ଏହି ମର୍ମରେ କେବଳ ବର୍ଷ ନୁହେଁ ବରଂ ଦଶନ୍ଧି ଦଶନ୍ଧି ଧରି ସମୟ ସାପେକ୍ଷ ପ୍ରବଚନ ଦେଇ ପ୍ରତାରିତ କରିଥା'ନ୍ତି ସେମାନେ ପିଢ଼ି କୁ ପିଢ଼ି । ତଥାପି ଚେତନା ଜ୍ଞାନ ଉଦୟ ହୋଇ ପାରୁନାହିଁ ଆମର ଯେ ଆମେ ଆଉ ବୁଝିବା କେବେ ସେମାନଙ୍କ ଷଡ଼ଯନ୍ତ୍ରର ରହସ୍ୟ ?!!

କେତେବେଳେ ଜାତିପ୍ରଥା, କେତେବେଳେ ମହାମାରୀ, କେତେବେଳେ ସାମ୍ପ୍ରଦାୟୀକ ହିଂଶାତ୍ମକ ଭାବଧାରା ତ ଆଉ କେତେବେଳେ ନିଶାକୁ ବ୍ୟାପକ କରି ପେଶାକୁ ବିକ୍ଷିପ୍ତ କରିବା ଭଳି ସାମାଜିକ ବିଭୀଷିକା ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ର ଗୁଡିକର ଯଥେଷ୍ଟ ଅବନତି କରି ସାଧାରଣ ଲୋକଙ୍କ ଉପାର୍ଜନକୁ ନିଜ କରାୟତ କରିବା ତଥା ରାଷ୍ଟ୍ରୀୟ ସାମୁହିକ ସମ୍ପତ୍ତିକୁ ନିଜସ୍ୱ ଇଚ୍ଛାଧିନ ଭାବେ ପରିଚାଳିତ କରିବା ତ ଆଉ କେତେବେଳେ ସେଗୁଡିକୁ ବ୍ୟକ୍ତିଗତ ସ୍ତରକୁ ହସ୍ତାନ୍ତରିତ କରି ସ୍ୱାର୍ଥ ହାସଲ କରି ଆସୁଥିବା ମଣିଷ ମାନଙ୍କୁ ବିଶ୍ୱାସର ଏକ କୋମଳମତି ଭାବ ମଧ୍ୟରେ ରଖି ଅନୁମାନ କରିଚାଲିଛୁ ଆମେ ଯେ କେଉଁଦିନ ନିଶ୍ଚିତ ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇବୁ । ରାତ୍ରି ଶୟନରେ ସ୍ୱପ୍ନ ଆସିଥାଏ ଆପେ କେତେକ ବିଷୟର ଭାବକୁ ନେଇ ତ କେତେବେଳେ ଅଭାବେ ମଧ୍ୟ ! କିନ୍ତୁ ଏହି ଦିବା ସ୍ୱପ୍ନ ଯେ ଆମ ପାଇଁ ଦିନକୁ ଦିନ କଠୋର ପରିସ୍ଥିତି ସୃଷ୍ଟି କରି ଚାଲିଛି ସେକଥା ବର୍ତ୍ତମାନ ପଶୁନାହିଁ କାହା ମନରେ କି ଜ୍ଞାନରେ । କାରଣ କେଳେଙ୍କାରୀ ଷଡ଼ଯନ୍ତ୍ରକାରୀ ଏତେ ଭଲା ନୁହନ୍ତି ଯେ ସହଜରେ ଲୋକଙ୍କୁ ସେସବୁ ଭାବିବା ପାଇଁ ସମୟ ଦେବେ । ତେଣୁ କ'ଣ କଲେ ସମସ୍ତଙ୍କୁ ଅସ୍ଥିର ମସ୍ତିଷ୍କ କରି ରଖିହେବ ଏବଂ କିଂଚିତ ସମୟସାପେକ୍ଷ ସୁଖଦାୟୀ ବ୍ୟବସ୍ଥା କରିହେବ ସେଗୁଡିକୁ ନେଇ ବ୍ୟାପକ କୋଳାହଳ ସୃଷ୍ଟି କରି ମସ୍ତିଷ୍କ ବିଚଳନ କରାଯାଉଥିବା ବିଷୟ ମଧ୍ୟ ଜାଣୁନାହାନ୍ତି କେହି । ସେଗୁଡିକୁ ମଧ୍ୟ ବିକାଶର ଏକ ମାଧ୍ୟମ ବୋଲି ବିଚାରୁଛନ୍ତି ସମସ୍ତେ ଯାହା ଧୂଆଁବାଣ କେବଳ । ଏ ପ୍ରଚଣ୍ଡ ଅସାମସ୍ୟ କୁହେଳିକା ତଥା ଅଜ୍ଞାନ ଜଡ଼ ମାନସର ପ୍ରତାରଣାପୂର୍ଣ୍ଣ ବାର୍ତ୍ତା ଗୁଡିକୁ ନିଃସନ୍ଦେହରେ ପ୍ରତ୍ୟାଖ୍ୟାନ କରି ଥରେ ଦେଖିଲେ ଜାଣିପାରିବା ଯେ ସତ୍ୟର ପଥ କେଉଁ ଦିଗରେ ଆଉ ଆମେ କେମିତି ମିଥ୍ୟାଗ୍ରାହୀ, ମିଥ୍ୟଚାରୀଙ୍କ ଭଳି ପ୍ରତାରିତ ହୋଇଚାଲିଛେ ମିଥ୍ୟାବାଦୀଙ୍କ ବିପଦମୁଖୀ ପଥ ଅନୁସରଣ କରି । ଆମେ ଭାବୁଛେ କେବଳ ସେମାନଙ୍କ ପ୍ରରୋଚନା କାରଣରୁ ଯାହାସବୁ ହେବ ବୋଲି ସେସବୁ କେବଳ ପାଣିରେ ଗାର ସଦୃଶ୍ୟ ଛଡା କୌଣସି ବାସ୍ତବତା ନାହିଁ ସେମାନଙ୍କ ବକ୍ତବ୍ୟରେ ।

ବିଭିନ୍ନ ଗୋଷ୍ଠୀ, ସମ୍ପ୍ରଦାୟ ତଥା ଦଳଗତ ବିଚାର ମଧ୍ୟରେ କେତେଯେ ରହସ୍ୟମୟ କାରୁକାର୍ଯ୍ୟ ରହିଥାଏ, ସାଧାରଣ ସ୍ତରରେ ରହିଥିବା ମଣିଷଙ୍କୁ ସେଗୁଡିକ ଆଦୌ ଅଂତରଣୀୟ ହେବା ସମ୍ଭାବନା ନାହିଁ । ଏଠାରେ ଗୋଟିଏ ଉଦାହରଣ ଦେଇ କହିବାକୁ ଚାହେଁ ଯେ ଗୋଟିଏ ଗୋଷ୍ଠୀ ମଧ୍ୟରେ ରହିଥିବା ମଣିଷଙ୍କ ଭାବଧାରା ଗୁଡିକ ମଧ୍ୟରୁ କାହା ମନରେ କିଭଳି ବିଚାର ଆସିଥାଏ ଏବଂ ସେଗୁଡିକୁ ନେଇ କେମିତି ଚାଲିଥାଏ ସେମାନଙ୍କ ସମ୍ପ୍ରଦାୟ ! ଆଉ ଅଜ୍ଞାନ ନିର୍ବୋଧ ମାନଙ୍କୁ ତା ମଧ୍ୟରେ କେମିତି ନିଷ୍ପେସିତ କରି ରଖି ଚଳାଇଥା'ନ୍ତି ସେମାନଙ୍କ ଗୋଷ୍ଠୀ ତାହାର ଏକ ନମୁନା ପରୀକ୍ଷା କରିବା... (କ୍ରମଶଃ)

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*

# ବିଦ୍ୟୁତ୍ ବିଜ୍ଞାନର ଜନକ-ଫାରାଡ଼େ

ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟ ଫଳରେ ମନୁଷ୍ୟସମାଜରୁ ସେହି ସମସ୍ତ ଅଜ୍ଞତା, ଅନ୍ଧବିଶ୍ୱାସ, ଅନ୍ଧାଚାର, କୁସଂସ୍କାର ଓ ଅନ୍ଧକାର କାହିଁ ଅ'ର୍ଦ୍ଧାନ ହୋଇଯାଇଅଛି । ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା ଏବଂ ପ୍ରକୃତି ଜଗତର ସମସ୍ତ ରହସ୍ୟର ବାସ୍ତବ ଉଦ୍‌ଘାଟନ ତଥା ସମସ୍ତ ଇନ୍ଦ୍ରିୟଲବଧ ଅଭିଜ୍ଞତା ଗୁଡ଼ିକ ମଧ୍ୟରେ ତିଷ୍ଠି ରହିଥିବା ସୁନିୟନ୍ତ୍ରିତ ସମ୍ବନ୍ଧସୂତ୍ରର ଆବିଷ୍କରଣ । ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜୀବ ଜଗତର ହିତ ନିମର୍ଚ୍ଚ ଉପଲବ୍ଧ ହୋଇଥାଏ । ବିଦ୍ୟୁତ୍ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଯେଉଁ ମହାନ୍ ପୁରୁଷଙ୍କୁ ଆମେ ବିଦ୍ୟୁତ୍ ବିଜ୍ଞାନର ଜନକ କହୁଅଛେ, ସେ ହେଉଛନ୍ତି ମାଇକେଲ ଫାରେଡ଼େ । ମାଇକେଲ ଫାରେଡ଼େ ୧୭୯୧ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ଲଣ୍ଡନର ଏକ ଗରିବ କମାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ହେଉଛି ଜେମ୍‌ସ ଫାରାଡ଼େ ଓ ମାତାଙ୍କ ନାମ ମାର୍ଗାରେଟ୍ ହାଷ୍ଟୱେଲ୍ ଚାରୋଟି ସ'ାନ ମଧ୍ୟରେ ମାଇକେଲ ଫାରାଡ଼େ ହୋଇଛନ୍ତି ତୃତୀୟ ସ'ାନ । ଏକ ସ୍ଥାନୀୟ ବିଦ୍ୟାଳୟରେମାଇକେଲେ ପ୍ରାଥମିକ ସ୍ତରରେ ଲେଖିବା, ପଢିବା ଓ କିଛି ପାଟୀଗଣିତ ଶିକ୍ଷା କରିଥିଲେ । ଦାରିଦ୍ରତା ତାଙ୍କୁ ୧୩ବର୍ଷ ବୟସରେ ପାଠ ପଢାରେ ଡ଼ୋରବାନ୍ଧୀ ଦେଇଥିଲା । ତେଣୁ ସେ ଜର୍ଜ ରିବିୟାନ୍‌ଙ୍କ ବହି ଦୋକାନରେ ଚାକିରି ଜୀବନ ଆରମ୍ଭ କଲେ । ଫାରାଡ଼େଙ୍କ କାମ ଥିଲା ସେ ଗୋଟିଏ ଗ୍ରାହକ ପାଖରୁ ଖବର କାଗଜ ନେଇ ଅନ୍ୟ ଜଣେ ଗ୍ରାହକଙ୍କୁ ଦେବେ । ମାଲିକ ରିବିୟାନ୍ ବର୍ଷକ ପରେ ତାଙ୍କ କାମରେ ଖୁସି ହୋଇ ବହି ବନ୍ଧା କାମ ଶିକ୍ଷା ଦେଲେ । ଦାରିଦ୍ର ଯୋଗୁଁ ଫାରାଡ଼େ ଅଧିକ ଶିକ୍ଷା ଗ୍ରହଣ କରିପାରିନଥିଲେ, କିନ୍ତୁ ସେ ବହି ବନ୍ଧେଇ କରିବା ପୂର୍ବରୁ ସେ ସେହି ବହି ଗୁଡ଼ିକୁ ପଢୁଥିଲେ । ମାର୍ସେଟ୍‌ଙ୍କରଚିତ ରସାୟନ ବିଜ୍ଞାନ ପୁସ୍ତକ ଓ ଏନସାଇକ୍ଲୋ ପିଡ଼ିଆ ବ୍ରିଟାନିକା ଏହି ଦୁଇଟି ପୁସ୍ତକ ତାଙ୍କୁ ପ୍ରଭାବିତ କରିଥିଲା । ଫାରାଡ଼େଙ୍କୁ ମାଲିକ୍ ରିବିୟାନ ବହି ପଢିବା ପାଇଁ ଉତ୍ସାହିତ କରୁଥିଲେ । ବହି ପଢା ପ୍ରତି ଏତେ ନିଷ୍ଠା ଯୋଗୁ ସେ ଇଣ୍ଟ୍ରୋଡ଼କ୍‌ସନଟୁ କେମେଷ୍ଟ୍ରି ର ୪ଟି ଯାକ ପୁସ୍ତକ କିଣିଲେ । ଏଥିରୁ ସେ ନିଜର ମତାମତ ଓ ବିବରଣୀକୁ ସଂଗଠିତ କରି ଦି ଫିଲୋସଫିକ୍ ମିସେଲାନୀ ନାମରେ ଏକ ପୁସ୍ତକ ଲେଖିଥିଲେ । ପିତାଙ୍କ ମୃତ୍ୟୁ ପରେ ଫାରାଡ଼େ ଭାଇ ରବର୍ଟଙ୍କ ଠାରୁ ପଇସା ନେଇ ସିଟି ଫିଲୋସୋଫିକାଲ ସୋସାଇଟି ଦ୍ୱାରା ଆୟୋଜନ ହେଉଥିବା ବିଜ୍ଞାନ ଆଲୋଚନାରେ ଏକ ଶିଲିଙ୍ଗ ଦେଇ ଟିକେଟ ନେଇ ଶୁଣିବାକୁ ଯାଉଥିଲେ । ତାଙ୍କର ବନ୍ଧୁ ବୋମିନ୍ ଆବଟ୍ ଓ ଏଡ଼ୱାର୍ଡ଼ ମାଗ୍ରାଥ୍‌ଙ୍କ ସାହାଯ୍ୟରେ ଆଲୋଚନାରେ ଭାଗନେବାକୁ ପ୍ରସ୍ତୁତ କରିପାରିଥିଲେ । ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ୧୭୯୯ ମସିହାରେ ରୟାଲ୍ ଇନଷ୍ଟିଚ୍ୟୁସନ୍ ଲଣ୍ଡନରେ ସ୍ଥାପିତ ହେଲା । ଲାଫିଙ୍ଗ ଗ୍ୟାସ୍ ପ୍ରସ୍ତୁତ କର୍ତା ସାର୍ ହମ୍ପ୍ରିଡ଼ାଭେ ୧୮୦୨ ମସିହାରେ ମାତ୍ର ୨୪ବର୍ଷ ବୟସରେ ରୟାଲ୍ ଇନ୍‌ଷ୍ଟିଚ୍ୟୁରେ ପ୍ରଫେସର ପଦରେ ଯୋଗଦେଲେ । ମାଇକେଲ ଫାରାଡ଼େ ଏକ ଚିଠି ସହିତ ପ୍ରସ୍ତୁତ କରିଥିବା ଡାଭେଙ୍କ ଭାଷଣର ସାରାଂଶର ନକଲ ଡ଼ାଭେକ ନିକଟକୁ ପଠାଇଲେ । ଫାରାଡ଼େଙ୍କ ବିଜ୍ଞାନପ୍ରତି ଆଗ୍ରହ, ତୀକ୍ଷ୍ଣ ସ୍ମୃତି ଶକ୍ତିକୁ ଅତିଶୟ ପ୍ରଶଂସା କରିଥିଲେ ଡ଼ାଭେ । ୧୮୧୩ ମସିହାରେ ଫାରାଡ଼େ ରୟାଲ ଇନିଷ୍ଟିଚ୍ୟୁରେ ଗୋଟିଏ ପରୀକ୍ଷାଗାର ସହାୟକ ପଦରେ ନିଯୁକ୍ତି ହେଲେ । ଦରମା ଥିଲା ମାସକୁ ୨୫ ଶିଲିଙ୍ଗ୍, ଫାରାଡ଼େ ନିର'ର ଡ଼ାଭେଙ୍କ ପାଖରେ ରହି ସମସ୍ତ ପରୀକ୍ଷା ଦେଖୁଥିଲେ ଏବଂ ଏହାର ସିଦ୍ଧା'କୁ ନିଜେ ବିଶ୍ଳେଷଣ କରୁଥିଲେ । ଡ଼ାଭେ ସସ୍ତ୍ରୀକ ୟୁରୋପ ଭ୍ରମଣରେ ବାହାରିଥିଲେ । ସେ ଫାରାଡ଼େଙ୍କୁ ସହାୟକ ଭାବେ ନେବାକୁ ସ୍ଥିର କଲେ । ଫାରାଡ଼େ ଚାକିରିରୁ ଇସ୍ତଫା ଦେବେ ଓ ଫେରିବାପରେ ଫାରାଡ଼େ ପୁନଶ୍ଚ ଚାକିରି ଦେବା ପାଇଁ ଡ଼ାଭେ ପ୍ରତିଶ୍ରୁତି ଦେଲେ । ଡ଼ାଭେଙ୍କ ସ୍ତ୍ରୀ ଜେନ୍ ଡ଼ାଭେଙ୍କ ପରିଚାରିକା ନଯିବାରୁ ଫାରାଡ଼େ ପରିଚାରିକା କାର୍ଯ୍ୟ ମଧ୍ୟ କରିବାକୁ ରାଜି ହେଲେ । ଏହି ଭ୍ରମଣ ସମୟରେ ଫାରାଡ଼େ ବିଦେଶୀ ବୈଜ୍ଞାନିକ ମାନଙ୍କୁ ଭେଟୁଥିଲେ ଓ ବୈଜ୍ଞାନିକ ପରୀକ୍ଷାରେ ଅଂଶ ଗ୍ରହଣ କରୁଥିଲେ ।ଡ଼ାଭେ ଫାରାଡ଼େଙ୍କୁ ଜଣେ ସହଯୋଗୀ ଭାବେ ଉପସ୍ଥାପିତ କରୁଥିଲେ । ଫାରାଡ଼େ ଭ୍ରମଣ ସମୟରେ ଫରାସୀ ଭାଷା ଶିକ୍ଷା କରିଥିଲେ । ସେ ଡ଼ାଭେଙ୍କ ସହଯୋଗୀଭାବେ ପ୍ରକୃତି ବିଜ୍ଞାନ କାର୍ଯ୍ୟ କରିଥିଲେ, ଫଳରେ ନିଜକୁ ସେ ଜଣେ ବୈଜ୍ଞାନିକ ଭାବେ ଭବିଷ୍ୟତରେ ପ୍ରତିପାଦିତ କରିପାରିଥିଲେ । ଭ୍ରମଣରୁ ଫେରିବା ପରେ ଫାରାଡ଼େ ଉପକରଣ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ପାଇ ସପ୍ତାହକୁ ୩୦ ଶିଲିଙ୍ଗ୍ ଦରମା ପାଇଲେ । ରୟାଲ ଇନ୍‌ଷ୍ଟିଚ୍ୟୁସନ୍‌ରେ କାମ କରିବା ସମୟରେ ନିଜର ଚେଷ୍ଟା,କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ । ୧୮୧୬ ମସିହାରେ କଷ୍ଟିକ୍ ସୋଡ଼ା ଉପରେ ଏକ ନିବନ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶ କରିଥିଲେ । ୧୮୨୦ ମସିହା ସୁଦ୍ଧା ସେ ୩୭ଟି ମୌଳିକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ନିଜର ବୈଜ୍ଞାନିକ ଆତ୍ମବିଶ୍ୱାସ କୁ ପ୍ରମାଣିତ କରିଥିଲେ । ୧୮୧୬ମସିହା ଜାନୁଆରୀ ମାସ ୧୭ତାରିଖରେ ଫିଲୋସୋଫିକାଲ ସୋସାଇଟିରେ ପ୍ରଥମ ସାରଗର୍ଭକ ବକ୍ତୃତା ଦେଇ ଦେଶରେ ପ୍ରସିଦ୍ଧି ଲାଭ କଲେ । ୧୮୨୧ ମସିହା ଜୁନ ମାସ ୧୨ ତାରିଖ ଦିନ ଫାରାଡ଼େଙ୍କ ବିବାହ ସାରାହ ବର୍ଣ୍ଣଡ଼ ସହିତ ହୋଇଥିଲା । ସୁଖପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ତାଙ୍କର ସ'ାନ ନଥିଲେ । ସେ ପୁତୁରା ଓ ଝିଆରୀମାନଙ୍କୁ ନିଜପିଲା ଭଳି ଦେଖୁଥିଲେ । ୧୮୨୫ ମସିହାରେ ବେନଜୁ ଆବିଷ୍କାର କରି ତାହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିଥିଲେ । ୧୮୨୩ ମସିହା ମେ ମାସରେ ବୈଜ୍ଞାନିକମାନେ ରୟାଲ ସୋସାଇଟିର ସଭ୍ୟ ପାଇଁ ମାଇକେଲ ଫାରାଡ଼େଙ୍କ ନାମ ସୁପାରିସ କଲେ । ୧୮୨୩ ମସିହା ଡ଼ିସେମ୍ବରରେ ଫାରାଡ଼େ ଗୋଟିଏ ବିଦ୍ୟୁତ୍ ବାହୀ ତାରର ଗୁଣ ଚୁମ୍ବକର ଗୁଣ ସହ ସମାନ ରହୁଛି, ଏହାକୁ ଯଦି ମୁକ୍ତ ଭାବରେ ଝୁଲାଇ ରଖିବା, ଏହା ଉତର ଓ ଦକ୍ଷିଣ ଦିଗକୁ ମୁହଁ କରି ରହିବ, ତାଙ୍କର ସାଧନା ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ୩୩ ବର୍ଷ ବୟଷରେ ୧୮୨୫ ମସିହା ଫେବୃଆରୀ ୭ ତାରିଖରେ ରୟାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ନିର୍ଦ୍ଦେଶକ ପଦରେ ଯୋଗ ଦେଇଥିଲେ । ୧୮୨୫ ରୁ ୧୮୬୨ ମଧ୍ୟରେ ସେ ଏକଶହରୁ ଅଧିକ ବକ୍ତୃତା ଦେଇଥିଲେ । ଶିଳ୍ପ ଅନିଷ୍ଠାନକୁ ଦେଉଥିବା ପରାମର୍ଶ ଓ ସାହାଯ୍ୟ ଦ୍ୱାରା ରୟାଲ ଇନିଷ୍ଟିଚ୍ୟୁସନ୍‌ର ଆୟ ବୃଦ୍ଧି ଘଟିଥିଲା । ୧୮୩୧ ମସିହାରେ ଅଗଷ୍ଟ ମାସ ୨୯ ତାରିଖରେ ଫାରାଡ଼େ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣା ତତ୍ୱ ଆବିଷ୍କାର ସହ ଏକ ସଙ୍ଗରେ ଟ୍ରାନ୍‌ସଫର୍ମର ଓ କିଛି ଦିନ ପରେ ଡ଼ାଇନାମୋର ଉଦ୍ଭାବନ କରିଥିଲେ । ବ୍ରିଟେନର ପ୍ରଧାନ ମନ୍ତ୍ରୀ ସାର ରବର୍ଟ ପିଲ୍ ଫାରାଡ଼େଙ୍କୁ ବିଜ୍ଞାନ ପ୍ରତି ଅବଦାନ ଯୋଗୁଁ ତାଙ୍କୁ ପେନ୍‌ସନ୍ ଦେବାକୁ ଘୋଷଣା କରିଥିଲେ । କିନ୍ତୁ ପେନ୍‌ସନ୍ ମିଳିବା ପୂର୍ବରୁ ପ୍ରଧାନ ମନ୍ତ୍ରୀ ଲଡ଼ ମେଲ୍‌ବୋର୍ଣ୍ଣ ପେନ୍‌ସନ୍ ଦେଲେ ନାହିଁ,ପରେ ପ୍ରଧାନ ମନ୍ତ୍ରୀ କ୍ଷମା ମାଗି ପେନ୍‌ସନ୍ ବ୍ୟବସ୍ଥା କରିଥିଲେ । ସେ ନିଜ ଚେଷ୍ଟା ଓ ପରିଶ୍ରମ ବଳରେ ବିଦ୍ୟାଳୟ ଶିକ୍ଷା ଶେଷ ନକରି ମଧ୍ୟ ପୃଥିବୀର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇ ପାରିଥିଲେ । ସେ ବିଦ୍ୟୁତ୍ ମୋଟର୍, ଜେନେରେଟର ଓ ଟ୍ରାନ୍‌ସଫର୍ମରର ସୂତ୍ର ଆବିଷ୍କାର କରିବା ପରେ ବ୍ୟାବସୟିକ ନିର୍ମାଣ ପ୍ରତି ଦୃଷ୍ଟି ଦେଇନଥିଲେ । ସେ ବଳରେଖା ସମ୍ବନ୍ଧରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ । ତାଙ୍କ ଦ୍ୱାରା ରଚିତ Experimental Researches in chemistry and physics ଏବଂ The Chemical History of a Candalପୁସ୍ତକ ଗୁଡ଼ିକ ବିଜ୍ଞାନ ସାହିତ୍ୟକୁ ଅମର ଅବଦାନ । ମାଇକେଲ ଫାରାଡ଼େଙ୍କର ମହାପ୍ରୟାଣ ୧୮୬୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ହୋଇଥିଲା, କିନ୍ତୁ ତାଙ୍କର ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସାରା ସଂସାର ବିଦ୍ୟୁତ୍ ବିଜ୍ଞାନର ଜନକ ଭାବରେ ମନେରଖିବ ।



ଅକ୍ଷୟ କୁମାର ରାଉତ

ପାରାଦ୍ୱୀପଗଡ଼,କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ପ୍ରକୃତ ମାର୍ଗ (ଜନ୍ମାଷ୍ଟମୀ)

ଦର୍ଶନ ଓ ଯୁକ୍ତି ପିଲାଦିନରୁ ଦୁଇ ବନ୍ଧୁ । ଯୁକ୍ତିର ଭାରି ମନ ଦର୍ଶନକୁ ସବୁ କ୍ଷେତ୍ରରେ ହରାଇବ ହେଲେ ଜୀବନ ସାରା ଦର୍ଶନ ପ୍ରଥମ ସ୍ଥାନ ପରୀକ୍ଷାରେ ଗ୍ରହଣ କରେ ଓ ଯୁକ୍ତି ତାକୁ ପାରେନାହିଁ । ବହୁଦିନ ପରେ ଦୁଇ ବନ୍ଧୁଙ୍କର ଦେଖା ହେବା ପରେ ଗୋଟିଏ ନଦୀ କୂଳରେ ଯାଇ କଥା ହେବାପାଇଁ ଦୁଇଜଣ ଚିନ୍ତା କଲେ । ଯୁକ୍ତି ପଚାରିଲା 'ଭାଇ ଦର୍ଶନ ମୁଁ ବର୍ତ୍ତମାନ ଖୁବ ଧନୀ ହେଲେ ମନକୁ ନିୟନ୍ତ୍ରଣ କରିପାରୁନି କ'ଣ କରିବି କହିଲୁ ? ଦର୍ଶନ କହିଲା, ମଣିଷର ଜୀବନ ଅତ୍ୟନ୍ତ ଦୁର୍ଲଭ ଓ ପବିତ୍ର । ମଣିଷର ଶରୀରରେ ମନ ଅଛି । ଏହାର ଚାଲିଚଳନ ବଡ଼ ଅଦ୍ଭୁତ । ସମସ୍ତେ ମନଥିବା କଥା ଜାଣନ୍ତି କିନ୍ତୁ ଏହାର ଅଦ୍ଭୁତ ଚାଲିଚଳନକୁ ଜାଣିପାରନ୍ତି ନାହିଁ । ମନର ଗୋଡ଼ ନାହିଁ କିନ୍ତୁ ଏହା ଚାଲେ । ବାୟୁ ଓ ଆଲୋକ ଠାରୁ ମଧ୍ୟ କ୍ଷୀପ୍ର ଗତିରେ ଚାଲିପାରେ । ମନର ମୃତ୍ୟୁ ନାହିଁ କିମ୍ବା ସଠିକ ସୀମା ନାହିଁ ଏହା ସଦା ଯୌବନ ଅବସ୍ଥାରେ ଥାଏ । ଜଣେ ବାରମ୍ବାର ଜନ୍ମ ନେଇପାରେ କିନ୍ତୁ ତାର ମନ ତାକୁ ଗୋଡାଇଥାଏ ତୁମେ ମନକୁ ଜାଣିପାରିଲେ ନିଜକୁ ଜାଣିପାରିବ । ଯୁକ୍ତି କହିଲା ଭାଇ ମୁଁ ସିନା ପ୍ରଶ୍ନ ପଚାରେ କିନ୍ତୁ ତୋର ଏପରି ତତ୍ତ୍ୱକଥାକୁ ବୁଝିପାରେନାହିଁ ।ଯୁକ୍ତି ପୁଣି ପ୍ରଶ୍ନ କଲା ଭାଇ ! ମୋ ପାଖରେ ବହୁତ ଟଙ୍କା ଅଛି ଭଗବାନଙ୍କୁ କିପରି ପାଇବି ? ଆଧ୍ୟାତ୍ମିକ ସାଧନା କ'ଣ ? ଦର୍ଶନ କହିଲା ଶରୀର, ମନ ଓ ବଚନକୁ ପବିତ୍ର କରିବାକୁ ଆଧ୍ୟାତ୍ମିକ ସାଧନା କୁହାଯାଏ । ଶରୀରକୁ ସାବୁନରେ ସଫା କରିବା ଯଥେଷ୍ଟ ନୁହେଁ ଭଲ ଚିନ୍ତା, ଭଲ କଥା ଓ ଭଲ କର୍ମ କରିବା ଆବଶ୍ୟକ । ଯେକୌଣସି କର୍ମ ତୁମେ କରିବ, ତାହା ପବିତ୍ର ଅନୁଭୂତି ସହ କରିବା ଉଚିତ । ଶରୀରକୁ ଅପବିତ୍ର କାର୍ଯ୍ୟରୁ ନିରତ ରଖିବା ଉଚିତ । ଏହାକୁ ଭଲ କର୍ମ ପାଇଁ ବିନିଯୋଗ କରିବା ଉଚିତ । ହଁ, ତୁମେ ଧନ ଦ୍ୱାରା ଭଗବାନଙ୍କୁ ପାଇ ପାରିବ । ହେଲେ କଥାରେ ଅଛି 'ଯେଦେଶେ ଯାଇ ସେ ଫଳ ଖାଇ' । ଆମ ଦେଶର ଟଙ୍କାକୁ ଭଗବାନଙ୍କ ରାଜ୍ୟରେ ଚଳୁଥିବା ଟଙ୍କାରେ ପରିବର୍ତ୍ତନ କରିବାକୁ ହେବ ଯଥା ଦୟା, କ୍ଷମା, ସେବା ଇତ୍ୟାଦି । ଯୁକ୍ତି କହିଲା ଭାଇ ! ମନକୁ କିପରି ସଫା କରାଯାଇପାରିବ ? ଦର୍ଶନ କହିଲା ଇନ୍ଦ୍ରିୟ ଗୁଡ଼ିକୁ ପବିତ୍ର ଓ ଭଲ କାର୍ଯ୍ୟରେ ଲଗାଇଲେ ମନ ଆପେ ଆପେ ସଫା ହୋଇଯାଇଥାଏ । ସେଥିପାଇଁ କୁହାଯାଇଥାଏ, ଖରାପ ଦେଖନାହିଁ, ଭଲ ଦେଖ, ଖରାପ ଶୁଣନାହିଁ ଭଲ ଶୁଣ । ଖରାପ କରନାହିଁ, ଭଲ କର । ଏହା ଭଗବାନଙ୍କ ନିକଟକୁ ଯିବାର ମାର୍ଗ ।ଯୁକ୍ତି କହିଲା ଭାଇ ! ଇନ୍ଦ୍ରିୟ ମାନଙ୍କୁ କିପରି ସଫା କରିହେବ ? ଦର୍ଶନ କହିଲା ଇନ୍ଦ୍ରିୟ ଗୁଡ଼ିକୁ ପବିତ୍ର କାର୍ଯ୍ୟ ପାଇଁ ବିନିଯୋଗ କଲେ ସେଗୁଡ଼ିକ ପବିତ୍ର ହୋଇଯାଆନ୍ତି । ମନ ଇନ୍ଦ୍ରିୟ ମାନଙ୍କର ପ୍ରଭୁ । ମନ ପବିତ୍ର ହେଲେ ଇନ୍ଦ୍ରିୟଗୁଡ଼ିକ ପବିତ୍ର ହୋଇଯାଆନ୍ତି । ଯୁକ୍ତି କହିଲା ଏବେ ଗୁଡ଼ାଏ ପଇସା ରୋଜଗାର କରି ଧନସଂପତ୍ତି ବଢ଼ିବାରୁ ମନରେ ଗର୍ବ ବଢୁଛି ତେଣୁ କ'ଣ କରିବି କହିଲୁ ? ଦର୍ଶନ କହିଲା ମଣିଷର ଜନ୍ମ ସହିତ 'ଅହଂ' ବା 'ମୁଁ' ଜନ୍ମ ନିଏ । ଆତ୍ମା 'ଅହଂ'ର ମୂଳ ଉତ୍ସ । ତେଣୁ ଅହଂ ଆତ୍ମାର ପୁଅ । 'ମନ' ହେଉଛି ଆତ୍ମାର ନାତି । ମନରୁ ବଚନ ବାହାରିଥାଏ ତେଣୁ 'ବଚନ' ଆତ୍ମାର ଅଣନାତି । ଅପରପକ୍ଷେ କହିବାକୁ ଗଲେ ଆତ୍ମା, ଅହଂ, ମନ, ବଚନ ଗୋଟିଏ ପରିବାରର ଲୋକ । ତେଣୁ ତୋ ଭିତରେ ଥିବା 'ମୁଁ' ତତ୍ତ୍ୱଟି ହେଉଛି ଭଗବାନଙ୍କର ଗେହ୍ଲାପୁଅ । ମନ ଭଗବାନଙ୍କ ନାତି, ବଚନ ଅଣନାତି ତୁମେ ଯେତେବେଳେ ଜାଣି ପାରିବ ତୁମର ଅହଂ, ମନ, ବଚନ ଏକ ଦିବ୍ୟ ପରିବାରର ଅଂଶ ସେତେବେଳେ ତୁମର ଜୀବନ ପବିତ୍ର ହେବ । ମନୁଷ୍ୟ ଏକ ନକଲି ଜୀବନ ଅତିବାହିତ କରୁଛି ଯେଉଁଥିରେ ପ୍ରେମପୂର୍ଣ୍ଣ ଚିନ୍ତାଧାରା ଓ ସଂପର୍କ ନାହିଁ । ମଣିଷ ଇନ୍ଦ୍ରିୟକୁ ଦମନ କରିବାରେ ବିଫଳ । ମଣିଷ ଇନ୍ଦ୍ରିୟର ଦାସ ହୋଇଛି । ସେ ଭୁଲି ଯାଇଛି ଯେ ମନ ଓ ଚିନ୍ତା, ବଚନ ଭଗବାନଙ୍କ ପରିବାରର ଲୋକ । ସେ ତାର ସଂପର୍କ ଭଗବାନଙ୍କ ସହ ଭୁଲି ଯାଇଥିବାରୁ ଭୟ ଓ ଶଙ୍କାରେ ରହୁଛି । ଯୁକ୍ତି ପଚାରିଲା ଭୟ କେତେବେଳେ ଆସେ । ଦର୍ଶନ କହିଲା ଭୟ ମନକୁ ସେତେବେଳେ ଆସେ, ଯେତେବେଳେ ଆମେ ଭୁଲକର୍ମ କରୁ । ଯୁକ୍ତି କହିଲା ମୋ ପୁଅର ସଂପର୍କ କିପରି ହେବା ଉଚିତ ? ଜଣେ ଛାତ୍ର ତାର ଜୀବନରେ କ'ଣ ଶିକ୍ଷା କରିବା ଉଚିତ ? ଦର୍ଶନ କହିଲା ଆଜିକାଲି ମାଆ ପୁଅର ସଂପର୍କ ନକଲି ହୋଇଯାଇଛି । ପ୍ରେମବିହୀନ ନକଲି କଥାବାର୍ତ୍ତା । ବାକ୍ୟ ବିନିମୟରେ ସୀମିତ ହୋଇ ରହିଛି । ଛାତ୍ରମାନେ ନକଲି ଜୀବନଯାପନ କରୁଛନ୍ତି । ପଶୁମାନଙ୍କର ଇନ୍ଦ୍ରିୟ ଉପରେ ଅଙ୍କୁଶ ଅଛି, ହେଲେ ଛାତ୍ର ମାନଙ୍କର ନାହିଁ । ଛାତ୍ରମାନେ ଚରିତ୍ର ଗଠନରେ ବ୍ରତୀ ହେବା ଉଚିତ ପୁସ୍ତକ କୀଟ ନୁହେଁ । ଛାତ୍ରମାନେ ଜାଣିବା ଉଚିତ ଯଦି ଶିକ୍ଷା ବଞ୍ଚିବା ପାଇଁ ଉଦ୍ଦିଷ୍ଟ ତେବେ ପଶୁପକ୍ଷୀମାନେ ବିନା ଶିକ୍ଷାରେ ବଞ୍ଚି ରହିଛନ୍ତି । ଛାତ୍ରମାନେ ନିଜ ଭିତରକୁ ଗଭୀର ଭାବେ ଅନୁଧ୍ୟାନ କରି ଚରିତ୍ର ଗଠନରେ ବ୍ରତୀ ହେବା ଉଚିତ । ଯୁକ୍ତି କହିଲା ଭାଇ ଦର୍ଶନ ମୁଁ ଯେତେ ପଇସା ରୋଜଗାର କଲେ ମଧ୍ୟ ମତେ ଲାଗୁଛି ଭଗବାନ ମୋ ପାଇଁ ପକ୍ଷପାତିତା କରିଛନ୍ତି । ମୁଁ ଆହୁରି ବଡ଼ ହୋଇପାରିଥାନ୍ତି । ଦର୍ଶନ କହିଲା ଭଗବାନ କହନ୍ତି ମୁଁ ତୁମର ତୁମେ ମୋର । ଏକଥା ଆମେ ଭୁଲିଯାଉ କିନ୍ତୁ ସେ ଭୁଲନ୍ତି ନାହିଁ । ଭଗବାନ ତୁମ ମାଆ ଠାରୁ ମଧ୍ୟ ତୁମ ନିକଟରେ ଥାଆନ୍ତି ସେ ତାଙ୍କ କାର୍ଯ୍ୟ କରନ୍ତି କିନ୍ତୁ ଆମେ ତାଙ୍କ ପ୍ରତି ଆମର କାର୍ଯ୍ୟ କରିନଥାଉ । ମଣିଷ ନିଜର ଭୁଲ ନଦେଖି ଭଗବାନ ତାଙ୍କୁ ଦୁଃଖ ଦେଉଛନ୍ତି ବୋଲି କହିଥାଏ । ଭଗବାନ ତାଙ୍କ ପ୍ରତିଶ୍ରୁତିରୁ ପଛକୁ ହଟନ୍ତି ନାହିଁ । ମଣିଷ ହଟିଥାଏ ଏବଂ ଭଗବାନଙ୍କୁ ଦୋଷାରୋପ କରିଥାଏ ଓ କର୍ମଫଳ ଭୋଗ କରିଥାଏ । ଭଗବାନଙ୍କ ଆଶୀର୍ବାଦ ଫଳରେ ମନରେ ଶାନ୍ତି ଆସେ ଓ ଦୋଷ ଦୁର୍ବଳତା ଦୂର ହୁଏ । ମଣିଷ କୃପା ଭିକ୍ଷା କରିବା ନିହାତି ଆବଶ୍ୟକ କିନ୍ତୁ କୃପା ଭିକ୍ଷା ପାଇଁ ହୃଦୟଭରା ପ୍ରାର୍ଥନା ଆବଶ୍ୟକ । ମଣିଷ ଦିନରେ ୨୧,୬୦୦ ଥର ନିଶ୍ୱାସ ପ୍ରଶ୍ୱାସ ନିଏ ଓ ଛାଡ଼େ । ସେ ଅମ୍ଳଜାନ ନିଏ ଓ ଅଙ୍ଗାରକାମ୍ଳ ଛାଡ଼େ । ଦିବ୍ୟତ୍ୱ ହେଉଛି ଅମ୍ଳଜାନ ଓ ଗର୍ବ, ଅହଂକାର ହେଉଛି ଅଙ୍ଗାରକାମ୍ଳ । ଗର୍ବ, ଅହଂକାର ଛାଡ଼ି ନପାରିଲେ ମୃତ୍ୟୁ ଅନିବାର୍ଯ୍ୟ । ଯାହା ସମାଜ ପାଇଁ ଉତ୍ତମ ତାହା ଭଲ କର୍ମ ଯାହା ସମାଜ ପାଇଁ ଅନିଷ୍ଟକର ତାହା କୁକର୍ମ ତେଣୁ ତୁ ତୋର ଧନର ସଦୁପଯୋଗ କର ଓ କୈଳାସ ପତିଙ୍କୁ ପାଇପାରିବୁ । ଦୁଇ ବନ୍ଧୁ ଏଥର ଉଠିଲେ ଯୁକ୍ତି ସ୍ଥିର ହୋଇଯାଇଥାଏ ଯେ ଯାହାର ଘର ଆଡ଼କୁ ମୁହାଁଇଲେ ।



ଅନୀତା ପଟ୍ଟନାୟକ

*ଅବସରପ୍ରାପ୍ତ ପ୍ରଧାପିକା, ପ୍ଲଟନଂ-୫ଡି/*
*୧୪୫୦, ସିଡିଏ କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*


# ଶହୀଦ ବଗା ପୂଜାରି

ଭାରତ ର ସ୍ୱାଧିନତା ସଂଗ୍ରାମରେ ନବରଙ୍ଗପୁର ଜିଲ୍ଲାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣଥିଲା । ସେତୁବନ୍ଧରେ ଗୁଣ୍ଡୁଚି ଧୂଳି ବି଼ିଲା ପରି ,ବଣ ଜଙ୍ଗଲ ଭରା ଏହି ଜିଲ୍ଲାର ସରଳ.ଅଶିକ୍ଷିତ. ଦରିଦ୍ର ଆଦିବାସୀ ମାନେ ସାଧ୍ୟମତେ ଏହି ମହାନ ସଂଗ୍ରାମରେ ନିଜର ସ୍ୱାକ୍ଷର ଛାଡି ଯାଇଛନ୍ତି । ସେତେବେଳେ ନବରଙ୍ଗପୁର ଅବିଭକ୍ତ କୋରା଼ୁଟ ଜିଲ୍ଲାର ଏକ ସବଡିଭିଜନ ବା ତାଲୁକ ଥିଲା । ଜୟପୁର ମହାରାଜା ଏହାର ଜମିଦାର ଥିଲେ । ଇଂରେଜ ସରକାର ଓ ରାଜାଙ୍କ ଦ୍ୱୈତ୍ୟଶାସନ (ସମସ୍ଥାନ ) ଜିଲ୍ଲାରେ ଚାଲୁଥିଲା ।୧୯୩୬ ମସିହାରେସ୍ୱତନ୍ତ୍ର ରାଜ୍ୟ ଓଡିଶା ଗଠନ ପରେ ଛଅ ଟି ଜିଲ୍ଲା ମଧ୍ୟରୁ କୋରାପୁଟ ଗୋଟିଏ ଜିଲ୍ଲା ହେଲା ଓ ଓଡିଶା କଂଗ୍ରେସ ର ଶାଖା ଏହି ଜିଲ୍ଲାକୁ ପ୍ରସାରିତହେଲା । ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ,ସଦାଶିବ ତ୍ରିପାଠୀ,ସଦାନନ୍ଦ ସାହୁ,ଲକ୍ଷ୍ମୀଚାନ୍ଦ ଦାସ, ଜଗନ୍ନାଥ ତ୍ରିପାଠୀଙ୍କ ଭଳି କିଛି ଯୁବକ ଜିଲ୍ଲାରେ କଂଗ୍ରସେ ଦଳର ଶାଖା ମାନ ସ୍ଥାପନା କରି ଗାନ୍ଧି ବାଣି ପ୍ରଚାର ଉଦ୍ୟମ କଲେ । ଅନେକ ଆଦିବାସୀ ଦଳର ଚାରିଅଣିଆ ସଭ୍ୟ ହେଲେ । ଖଦଡ ପିନ୍ଧିଲେ । ଚରକାର ଘର୍ଘର ନାଦ ବଣ ଉହାଡରୁ ଶୁଭିଲା । ମୁଣ୍ଡରେ ଗାନ୍ଧି ଟୋପି ଦେଲେ, ଯାହା ଏପର୍ଯ୍ୟନ୍ତ ମଧ୍ୟେ କିଛି ଲୋକେ ପିନ୍ଧୁଚନ୍ତି ।୧୯୩୭ ମସିହାରେ ନିର୍ବାଚନ ହୋଇ ରାଜ୍ୟରେ କଂଗ୍ରେସ ସରକାର ହେଲା ଓ କଂଗ୍ରେସ ବାର୍ତ୍ତା ପ୍ରସାରିତ ହେଲା । କର୍ମୀ ମାନେ ନିଜକୁ ଗାନ୍ଧି ଗୁମାସ୍ତା କହି ଗର୍ବ ଅନୁଭବ କଲେ । ଗାଁ ଗାଁରେ ଗାନ୍ଧି ଘର ତିଆରି ହୋଇ ସକାଳୁ ରାମଧୂନ ଶୁଣାଗଲା । ଗାନ୍ଧି ଯେ ଭଗବାନଙ୍କ ଅବତାର, ଦେଶ ର ମୁକ୍ତିପାଇଁ ଧରାଅବତରଣ କରିଛନ୍ତି ତାହା ସମସ୍ତେ ବିଶ୍ୱାସ କଲେ ।୧୯୪୨ ମସିହାରେ ଗାନ୍ଧି ବମ୍ବେଠାରୁ ଭାରତଛାଡ ଆନ୍ଦୋଳନ ର ଡାକରା ଦେଲେ । ତାଙ୍କ ସହ ସାକ୍ଷାତ ପାଇଁ କୋରାପୁଟର କେତେକ ବିଶିଷ୍ଟ ନେତା ବମ୍ବେଯାଇଥିଲେ । ଦଳର ବାର୍ତ୍ତାଧରି ଫେରିଲା ବେଳେ ଅନେକଙ୍କୁ ବିଜୟନଗର ରେଳ ଷ୍ଟେସନରୁ ପୋଲିସ ଗିର' କଲେ ମଧ୍ୟ ସେମାନେ ଗୁପ୍ତରେ ସବୁ ନିର୍ଦ୍ଦେଶ ଜିଲ୍ଲାକୁ ପଠେଇଦେଲେ । କରବା ମାର,ଆମର ଡଙ୍ଗାରେ ଆମେ ନାଉରୀ,ଆମେ ଚଳାଇବୁ ଦେଶ ଆମରି,ଇଂରେଜ ମାନେ ଦେଶ ଛାଡ ଆଦି ସ୍ଲୋଗାନ ସବୁଆଡୁ ପ୍ରତିଧ୍ୱନିତ ହେଲା । ସବଡିଭିଜନ ନବରଙ୍ଗପୁର ଠାରୁ ଅନେକ ବଣ ପାହାଡ ଡେଇଁଲେ ପଡେ ୪୦ ମାଇଲ ଦୂରରେ ଉମରକୋଟ ମୁଠା । ନଈ ମାନଙ୍କରେ ପୋଲ ନଥିଲା । ତଥାପି ସେହି ଅଗମ୍ୟ ମୁଲକରେ ମଧ୍ୟ ଗାନ୍ଧିବାଣୀ ପ୍ରତିଧ୍ୱନିତ ହେଲା । ଡାବୁଗାଁର ଅଙ୍ଗି ନଦୀ କୂଳରେ ଗରୁଡଗୁଡାଠାରେ ଏକ କଂଗ୍ରେସ ଆଶ୍ରମ ପ୍ରତିଷ୍ଠା ହେଲା ଯାହା ପରେ କନ୍ୟାଶ୍ରମରେ ପରିଣତ ହୋଇଚି । ବଡଭରାଣ୍ଡି ଗ୍ରାମ ଠାରେ ଠକରବାପା ଆଶ୍ରମ ପ୍ରତିଷ୍ଠା ହୋଇ ଗାନ୍ଧି ବାଣି ପ୍ରଚାରିତ ହେଲା । ନିଜର ଚାନ୍ଦାରେ ନବରଙ୍ଗପୁର କଂଗ୍ରେସ ଦଳ ଏକ ଜିପ କିଣିବାରେ ସକ୍ଷମ ହୋଇଥିଲା । ଗାନ୍ଧି ଙ୍କ ଭାରତଛାଡ ଆନ୍ଦୋଳନ କୁ ସଫଳ କରିବା ପାଇଁ କର୍ମୀ ମାନେ ଲାଗିପଡିଲେ । ଥାନା ମାନ ଉପରେ ଇଂରେଜ ମାନଙ୍କ ପତକା ବଦଳରେ ତ୍ରୀରଙ୍ଗା ପତକା ଉଡାଇବାକୁ ସ୍ଥିର ହେଲା । ମହାତ୍ମାଗାନ୍ଧି କି ଜୟ, ଭାରତ ମାତାକି ଜୟ,ବନ୍ଦେ ମାତରମ,ଜୟ ହିନ୍ଦ ଧ୍ୱନି ସବୁଆଡୁ ଶୁଭିଲା ।ଏହାକୁ ଦମନ କରିବାକୁ ଇରେଜ ସରକାର ମଧ୍ୟ ପ୍ରସ୍ତୁତ ହେଲେ । ପ୍ରତି ଥାନା ଆଗରେ ବାଡ ଦିଆହୋଇ ବନ୍ଧୁକ ଧାରୀ ପୋଲିସ ମୁତୟନ ହେଲେ ।୧୯୪୨ ଅଗଷ୍ଟ ୨୩ ତାରେିଖ ଦିନ ମାଲାକାନାଗିରି ତାଲୁକର ମାଥିଲି ଗ୍ରାମରେ ଥାନା ଘେରାଉ ହୋଇ ଥାନା ଉପରେ ତ୍ରୀରଙ୍ଗା ଉଡିଲା ଓ ପୋଲିସ ଗୁଳିରେ ଲିଙ୍ଗା ଭୂମିଆ ସମେତ ଛଅ ଜଣ ଆଦିବାସୀ ଶହୀଦ ହେଲେ । ଏହି ମାମଲାରେ ଲକ୍ଷ୍ମଣ ନାୟକ ଙ୍କୁ ଗିରଫ କରାଯାଇ ବିଚାରଣା ପରେ ବ୍ରହ୍ମପୁର ଜେଲରେ ଫାଶି ଦିଆଗଲା । (୨୯ ମାର୍ଚ୍ଚ ୧୯୪୩) ।ଅଗଷ୍ଟ ୨୪,୧୯୪୨ ତାରିଖ ଦିନ ଉଭୟ ନବରଙ୍ଗପୁର ଓ ଉମରକୋଟରୁ ଶୋଭାଯାତ୍ରା ଆସି ଡାବୁଗାଁ ଠାରେ ସୋନୁମାଝି ନେତୃତ୍ୱରେ ମିଳିତ ହବା ପାଇଁସ୍ଥିର ହେଲା । ନବରଙ୍ଗପୁର ତାରାଗାଁ ଛକ ରୁ ଏକ ବିଶାଳ ଶୋଭାଯାତ୍ରା ପାପଡାହାଣ୍ଡି ଅଭିମୁଖେ ଯାତ୍ରା କଲେ । ଥାନା ପାଖରେ ଟୁରି ନଦୀ । ଅଗଷ୍ଟ ମାରେ ଭରା ନଈ ପ୍ରଖର ସୁଅ ରେ ପାଣି ବହି ଚାଲିଥାଏ । ସେଥିରେ ଥିଲା କାଠ ପୋଲ ଟିଏ । ପୋଲ କୁ ଜଗିଥିଲେ ମିଲିଟାରୀ ପୋଲିସ ଲୋକଙ୍କୁ ବାଧା ଦବା ପାଇଁ । ମାତ୍ର ଦେଶ ଭକ୍ତିରେ ଉତଫୁଲିତ ଜନସମୁଦ୍ର ଆଗକୁ ମାଡି ଚାଲିଲେ । ପୋଲିସକୁ ଠେଲି ମାଡି ଚାଲିଲେ । ଆରମ୍ଭ ହେଲା ନିର୍ମମ ଗୁଳିକାଣ୍ଡ । ଝଡି ପଡିଲେ ୧୯ ଜଣ ନିରୀହ ଆଦିବାସୀ । ନଦୀର ଜଳ ଲାଲ ହୋଇଗଲା ସେମାନ ଙ୍କ ରକ୍ତରେ । ସେହିସ୍ମୃତିରେ ଆଜି ଠିଆ ହୋଇଛି ବିଶାଳ ସହୀଦ ମିନାର,ଉଡୁଚି ବିଶାଳ ତ୍ରୀରଙ୍ଗା । ଉମରକୋଟରେ ମଧ୍ୟେ ହଜାର ହଜାର ଲୋକଙ୍କ ମେଳି । ବଡ ଭରାଣ୍ଡିର ଗାଁ ଗଉଁନ୍ତିଆ ପୁଜାରୀ ବଗାଙ୍କ ଡାକରାରେ ସମସ୍ତେ ଏକାଠି ହୋଇଚନ୍ତି । ସମସ୍ତ ଙ୍କ ଖାଇବା ପାଇଁ ଖନ୍ଦା ଲାଗିଛି । ତାଳ ପତ୍ରରେ ଛାମୁଡିଆ କରା ହୋଇଚି । ଗାଁ ଗାଁରେ ଗାଣ୍ଡା ମାନେ ଡେଙ୍ଗୁରା ଦେଇ ଲୋକ ଙ୍କୁ ବାଟିନି ଦେଇଛନ୍ତି । ଜାତୀୟ ସଙ୍ଗିତ ବୋଲା ହଉଚି । ତ୍ରିରଙ୍ଗା ଉଡୁଚି । ମହାତ୍ମା ଗାନ୍ଧି ଙ୍କ ଜୟ ଧ୍ୱନି ଶୁଭୁଚି । ଖାଇ ସାରିଲା ପରେ ଯିବେ ଥାନା ଘେରାଉ କରିବାକୁ । ଅନ୍ୟଦିଗରୁ ଭାମିନି ଆଡୁ ରବିସିଂ ମାଝି ଙ୍କ ନେତୃତ୍ୱରେ ଆଉ ଗୋଟିଏ ଦଳ ଉମରକୋଟ ଆସୁଛନ୍ତି । ଉମରକୋଟରେ ସମେସ୍ତ ଏକାଠି ହେଲେ । ଥାନାକୁ ଘେରାଉ କଲେ । ।ସରକାରୀ ପୋଲିସ ଆଗରୁ ପ୍ରସ୍ତୁତ ଥିଲେ । ଲୋକଙ୍କୁ ଘଉଡାଇବା ପାଇଁ ଲାଠି ମାଡ ଆରମ୍ଭ କଲେ । ତା ଆଗରୁ ଶୋଭାଯାତ୍ରାକୁ ବେଆଇନ ଘୋଷଣା କରାଗଲା । ଲାଠି ମାଡ,ଲୁହାବୁହା ଗ୍ୟାସ ଖାଇ କିଏ କୁଆଡେ ପଳାଇଲେ । ତା ସହ ବର୍ଷା ପିଟିଲା । ଥଣ୍ଡା ରେ ଓଦା ହୋଇ କିଏ କେଉଁଠି ଆଶ୍ରୟ ନେଲେ ଠିକଣା ନାହିଁ । ଅନ୍ଧାର ହେଲା । ସରକାର କିନ୍ତୁ ନିଶ୍ଚିନ୍ତ ନଥିଲା । ନେତା ମାନଙ୍କୁ ଧରିବାକୁ ପଡିବ, ଭବିଷ୍ୟତ ରେ କିଛି ଅଘଟଣ ନହେବା ପାଇଁ । ବର୍ଷା ଅନ୍ଧାର ରେ କିଛି ସାଥିଙ୍କ ସହ ମାଣ୍ଡିଆ ପେଜ ଖାଇ ଚାଳ ଘରେ ନିଆଁ ପାଖରେ ବସିଥିଲେ ବଗା ପୁଜାରି, ଆଗାମି ଦିନର ସଂଗ୍ରାମ କଥା ଭାବି । ହଟାତ ବାହାରେ କୁକୁର ଗୁଡା ଭୁକି ଉଠିଲେ । ପୋଲିସ ର ହୁଇସଲ ଶବ୍ଦ । ବୁଟ ଯୋତା ର ଓଜନିଆ ମଚମଚ ଶବ୍ଦ । କବାଟରେ ଧଡଦଡ ଶବ୍ଦ । କବାଟ ଖୋଲିବାରୁ ପଶି ଆସିଲେ ଅନେକ ପୋଲିସ, କିଛି ବୁଝିବା ଆଗରୁ ବଗାଙ୍କୁ ଧରି ଅନ୍ଧାର ରେ ହଜି ଗଲେ ସେମାନେ । ୨୫ ତାରିଖ ସକାଳ ଆସିଲା ବେଳକୁ ସାରା କୋରାପୁଟ ଗୁମୁରି ଗୁମୁରି କାନ୍ଦୁଥିଲା । ତାର ସଂଗ୍ରାମୀ ପୁଅ ମାନେ ଜେଲର କାଳ କୋଠରୀରେ ଥିଲେ । ନବରଙ୍ଗପୁରର ପୁରାତନ ଜେଲ ଯାହାର ଭଗ୍ନାବଶେଷ ଟ୍ରେଜେରୀ ଅଫିସ ପଛରେ ଏବେ ମଧ୍ୟ ରହିଚି । ସେଠାରେ ବନ୍ଦୀ ମାନଙ୍କୁ ରଖାଗଲା । ସବଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଇଜିଲାସରେ ସେମାନଙ୍କ ବିରୁଦ୍ଧରେ ଦେଶଦ୍ରୋହ ଅପରାଧର ବିଚାର ହୋଇ ବଗାଙ୍କୁ ଛଅ ମାସ ଜେଲ ଦଣ୍ଡ ଦିଆହୋଇ କୋରାପୁଟ ଜେଲ ମକୁ ପଠାଇ ଦିଆଗଲା ।କୋରାପୁଟ ଜେଲରେ ଶହଶହ ବିପ୍ଳବୀଙ୍କୁ ରଖାଯାଇଥିଲା । ଯେତିକି ରହିବା ତାଠାରୁ ବହୁଗୁଣର ବନ୍ଦୀ ସେଠାରେ ଥିଲେ । ପ୍ରବଳ ଥଣ୍ଡା ସାଙ୍ଗକୁ ଅହରହ ବର୍ଷା । ମାଟି କାନ୍ଥ ରୁ ପାଣି ଝରେ । ବରଫ ଭଳି ହେମାଳରେ ତଳେ ଶୁଅନ୍ତି ବନ୍ଦୀ, ଗୋଟାଏ ପତଳା କମ୍ବଳ ଘୋଡାଇ ହୋଇ । ପାଇଖାନା ନଥାଏ । ବନ୍ଦୀ ମାନେ ମାଟି ହାଣ୍ଡିରେ ମଳମୂତ୍ର ତ୍ୟାଗକରି ମୁଣ୍ଡରେ ବୋହି ସକାଳେ ବାହାରେ ଫିଙ୍ଗନ୍ତି । ଲୁହା ହାଣ୍ଡିରେ ଭାତ ରନ୍ଧା ହୁଏ । ସାଙ୍ଗକୁ ଡାଲି ପାଣି ଟିକେ । ସେହି ଅସ୍ୱାସ୍ଥ୍ୟ କର ପରିବେଶରେ ସାଙ୍ଗକୁ ମଶାଙ୍କ ଉପଦ୍ରବ । ଅନେକ ବନ୍ଦୀ ମାଲେରିଆ ରୋଗ ରେ ମରୁଥିଲେ । ବଗା ଅସୁସ୍ଥ ହୋଇପଡିଲେ ସେଠାରେ ।ଚିକିତ୍ସା କି ଖବର ଦବାର ସୁବିଧା ନାହିଁ ।୧୯୪୩ ମସିହା ଜାନୁଆରୀ ୧୧ ତାରିଖ ଦିନ ଜେଲ ପରିସରରେ ତାଙ୍କର ଅକାଳର ମୃତ୍ୟୁ ଘଟିଲା । ତାଙ୍କର ଶରୀରକୁ ସେହି ଜେଲ ପରିସରରେ ପୋତି ଦିଆଗଲା । ପରିବାର ଲୋକଙ୍କୁ ଖବର ଦିଆଗଲାନି । କିଛି ଦିନ ପରେ ପୋଲିସ ହାତରେ ତାଙ୍କର ଲୁଗା ପଟା ଓ ଖବର ଆସି ବଡ ଭରାଣ୍ଡି ଘରେ ପହଂଚିଲା । ଉମରକୋଟ ଇଲାକାର ସେ ହେଉଚନ୍ତି ଏକମାତ୍ର ଶହୀଦ,ସ୍ୱାଧିନତା ସଂଗ୍ରାମରେ ଜୀବନ ଦେଇଛନ୍ତି । ପରେ ତାଙ୍କୁ ଶହୀଦର ମାନ୍ୟତା ଦିଆହୋଇଚି ଓ ତାଙ୍କର ନାତୁଣୀ ପୂର୍ବତନ ମନ୍ତ୍ରୀ ପରମା ପୁଜାରୀଙ୍କ ଉଦ୍ୟମରେ ଜନ୍ମ ସ୍ଥାନ ବଡଭରଣ୍ଡି ଗ୍ରାମରେ, ଜାତୀୟ ରାଜପଥ କାଡରେ ଏକ ଶହୀଦ ସ୍ତମ୍ଭ ପ୍ରତିଷ୍ଠା ହୋଇ ପ୍ରତିବର୍ଷ ଜାନୁଆରୀ ୧୧ ଦିନ ରାଜ୍ୟ ସ୍ତରୀୟ ଶ୍ରାଦ୍ଧ ସଭା ଅନୁଷ୍ଠିତ ହୋଇଆସୁଛି । ସ୍ଥାନୀୟ ଆଦିବାସୀଙ୍କ କଲ୍ୟାଣ ପାଇଁ ବଗା ପୁଜାରୀ ସେବା କେନ୍ଦ୍ର ମଧ୍ୟ କାମ କରୁଛି ।



ଡାଃ ସୁରେନ୍ଦ୍ର ନାଥ ଦାଶ

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର,
ମୋ: ୯୪୩୭୨୩୫୩୮୬




# ରାୟଗଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବସ ପାଳିତ

ରାୟଗଡ଼ା (ପି.ଏନ: ରାୟଗଡ଼ା ଜିଲ୍ଲାପାଳଙ୍କ ଚିନ୍ତନ କକ୍ଷରେ ମଙ୍ଗଳବାର ଦିନ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ପାଳିତ ହୋଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ରୂପେ ରାୟଗଡ଼ା ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ ଓ ରାୟଗଡ଼ା ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ ଯୋଗଦେଇଥିଲେ । ରାୟଗଡ଼ା ଜିଲ୍ଲାର ଏଗାର ଗୋଟି ବ୍ଲକ ଓ ପୌରାଞ୍ଚଳରୁ ମୋଟ ଚାଳିଶି ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ରଇତ ଭବିଷ୍ୟତ ଓ ଚରିତ୍ର ଗଠନରେ ଗୁରୁଙ୍କ ଭୂମିକା ଅବିସ୍ମରଣୀୟ ।



ଶିକ୍ଷା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଥିବାରୁ ସମାଜରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବରିହା ନିଜ ବକ୍ତବ୍ୟରେ ଜିଲ୍ଲାର ଶିକ୍ଷକ ଶୃଙ୍ଖଳ ଏବଂ ବିଭିନ୍ନ ପରିସ୍ଥିତିରେ ନିଜ କର୍ତ୍ତବ୍ୟ ସମ୍ପାଦନ କରି ଅବସର ନେଇଥିବାରୁ ସମ୍ମାନର ଯୋଗ୍ୟ ଅଟନ୍ତି ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ସଙ୍ଘର ଏତାଦୃଶ ଆୟୋଜନର ଭୂୟସୀ ପ୍ରଶଂସା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧକାରୀ ଶ୍ରୀ ମାଝୀ ଶିକ୍ଷାନୀତି ରେ ପରିବର୍ତ୍ତନ ହେଉଛି । ଏଣୁ ଜିଲ୍ଲାର ସାକ୍ଷରତା ହାର ବୃଦ୍ଧି ଦିଗରେ ସଭିଏଁ ମିଳିତ ପ୍ରୟାସ କରି ଜିଲ୍ଲାର ଗୌରବ ବୃଦ୍ଧି ପାଇଁ ଉଦ୍ୟମ କରିବାକୁ ପ୍ରବର୍ତ୍ତାଇଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଏହାର ସଂଯୋଜନା କରିଥିଲେ ଓ ସସ୍ମିତା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଜିଲ୍ଲା ସଭାପତି ଅଜିତ କୁମାର ଚୌଧୁରୀ, ରାଜ୍ୟ ଉପସଭାପତି ନରେଶ ସିଂ, ଆଞ୍ଚଳିକ ସମ୍ପାଦକ ଦୀପକ ରାଉତ ସମେତ ଅତିଥି ବୃନ୍ଦଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଜିଲ୍ଲା ସଂଘ କର୍ମକର୍ତ୍ତା ନୀଳାଚଳ ପଣ୍ଡା, ବି ସୁଜାତା, ଅଞ୍ଜଳି ଶତପଥୀ, ମହେନ୍ଦ୍ର ବାଗ, ସାନନ୍ଦ ବେନିଆ, ବ୍ଲକ ସଭାପତି ସଦାନନ୍ଦ ବେନିଆ, ସମ୍ପାଦକ ଦୁର୍ଗା ସନ୍ୟାସୀ ବେହେରା, ମହେନ୍ଦ୍ର ବାଗ, ପୁରନ୍ଦର ପାଣି, ସୁଧାକର ଚୌଧୁରୀ ଆଦି ସଂଘ କର୍ମକର୍ତ୍ତା ସହଯୋଗ କରିଥିଲେ । ଜିଲ୍ଲାପାଳ ସ୍ୱାଧାଦେବ ସିଂ ଗୁରୁ ଦିବସ ଅବସରରେ ସମସ୍ତ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, (ପି.ଏନ):- ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ଥିବାରୁ ଉତର ଓଡ଼ିଶାର ଅନେକ ସ୍ଥାନରେ ତୀବ୍ର-ବୃଷ୍ଟିପାତ ଲାଗିରହିଛି । ଏହାର ପ୍ରଭାବରେ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ବିଶେଷ କରି ୪ ଓ ୫ ତାରିଖରେ ଅଧିକ ବର୍ଷା ସମ୍ଭାବନା ଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଅନ୍ୟପକ୍ଷରେ ଆଗାମୀ ୨୪ଘଂଟା ମଧ୍ୟରେ ଉତର-ପଶ୍ଚିମ ପାର୍ଶ୍ୱବର୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ୭ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି । ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି । ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା । ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି । ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି ।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ । ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡ଼ିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି । ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି । ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି । ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି । ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି । ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି । ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍‌କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

# ଦୁର୍ନୀତି ଓ ଭ୍ରଷ୍ଟାଚାର ବିଜେଡି ଶାସନକୁ ବିରୋଧ କରି ବିଜେପି ପକ୍ଷରୁ ବିଶାଳ ରାଲି

ହରିଚନ୍ଦନପୁର, (ପି.ଏନ): କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀର ହରିଚନ୍ଦନପୁର ବ୍ଲକ ବିଜେପି ପକ୍ଷରୁ ସୋମବାର ଦିନ ଭ୍ରଷ୍ଟାଚାର ବିଜେଡି ଶାସନକୁ ବିରୋଧ କରି ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଯାଇଛି ।ସୂଚନା ମୁତାବକ, ରାଜ୍ୟରେ ୧୦୮ଟି ପ୍ରସଙ୍ଗକୁ ନେଇ ବିଜେପି ପ୍ରସ୍ତୁତ କରୁଛି ଚାର୍ଜସିଟ୍ । ଫାଇଭ୍-ଟି ସଚିବଙ୍କ ବିଭିନ୍ନ ଜିଲ୍ଲା ଗସ୍ତ, ରାଜ୍ୟ ସରକାରଙ୍କ ବିଫଳତା, କୋଇଲା ଦୁର୍ନୀତି, ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲା ନ ଯିବା ପରି ୧୦୮ ଦଫାକୁ ନେଇ ବିଜେପି ପକ୍ଷରୁ ଚାର୍ଜସିଟ୍ ପ୍ରସ୍ତୁତ କରାଯାଇଛି । ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟାଚାରରେ ବୁଡି ରହିଥିବା ବିଜୁ ଜନତା ଦଳର ସରକାରଙ୍କୁ ଟାର୍ଗେଟ କରିଛି ଭାରତୀୟ ଜନତା ପାର୍ଟି ।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।




# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଅନୁଷ୍ଠିତ ସଂଘ ଶିକ୍ଷାବର୍ଗ ଦ୍ୱିତୀୟ ବର୍ଷ ଉଦ୍‌ଯାପିତ



ଭୁବନେଶ୍ୱର (ପିଏନ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଦୀର୍ଘ ୨୦ ଦିନ ଧରି ମେ ୧୫ ତାରିଖରୁ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ବର୍ଷ ସଂଘ ଶିକ୍ଷାବର୍ଗ ଗତ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ନେଇଥିବା ଯୋଗ, ଆସନ, ସାମୁହିକ ସୂର୍ଯ୍ୟନମସ୍କାର, ଦଣ୍ଡ ଆଦି ବିଭିନ୍ନ କଳାକୌଶଳ, ପ୍ରଦର୍ଶନ କରିଥିଲେ । ଏହି ଉଦ୍‌ଯପାନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସ୍ନାତକୋତର ଧର୍ମଶାସ୍ତ୍ର ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ବ୍ରଜକିଶୋର ସ୍ୱାଇଁ କହିଲେ ଯେ, ଆରଏସ୍ଏସ୍‌ର ଏହି କାର୍ଯ୍ୟକ୍ରମକୁ ଆସି ଏକ ଆନୁଷ୍ଠାନିକ ଶୃଙ୍ଖଳାର ନିଦର୍ଶନ ପାଇଲି । ବ୍ୟକ୍ତିଗତ ଜୀବନର ଶୃଙ୍ଖଳାକୁ ଆନୁଷ୍ଠାନିକ ଶୃଙ୍ଖଳାରେ ରୂପାନ୍ତରିତ କରିବା ଆରଏସ୍ଏସ୍‌ର ଏକ ନୀତିଗତ କାର୍ଯ୍ୟ । ଭାରତବର୍ଷରେ ବ୍ୟକ୍ତିଗତ ଶୃଙ୍ଖଳା ନୈରାଶ୍ୟ ଦର୍ଶନ ହୋଇଥିବାରୁ ଏହା ଆନୁଷ୍ଠାନିକ ଶୃଙ୍ଖଳାକୁ ପ୍ରଭାବିତ କରୁଛି । ଏକରେ ଆନୁଷ୍ଠାନିକ ଶୃଙ୍ଖଳା ବ୍ୟାହତ ହେଉଛି । କିନ୍ତୁ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଏକ ବ୍ୟତିକ୍ରମ । ଏଥିରେ ବ୍ୟକ୍ତିଗତ ଓ ସାମୁହିକ ଶୃଙ୍ଖଳା ଏକ ଓ ଅନନ୍ୟ । ମୁଁ ଅନୁଭବ କରୁଛି ଏହା ଏକ ମହନୀୟ କାର୍ଯ୍ୟ । ଶୃଙ୍ଖଳାର ଏହି ସମନ୍ୱିତ ବିଭାଗକୁ ସବୁସ୍ତରରେ ଓ କ୍ଷେତ୍ରରେ ସହଯୋଗ କଲେ ଜୀବନ ଓ ରାଷ୍ଟ୍ରର ଆଭିମୁଖ୍ୟ ସମାନ୍ତରାଳ ନହୋଇ ସମନ୍ୱିତ ହେବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୋଗଦାନ କରି କହିଲେ ଯେ, ପ୍ରତ୍ୟେକ ରାଷ୍ଟ୍ର ତାର ସ୍ୱାଭିମାନର ଆଧାରରେ ବଂଚି ରହିଛି । ସ୍ୱାଭିମାନବିହୀନ ରାଷ୍ଟ୍ରର କୌଣସି ଅସ୍ତିତ୍ୱ ନଥାଏ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଜିକୁ ୯୭ ବର୍ଷ ଧରି ଭାରତୀୟ ସ୍ୱାଭିମାନର ଜାଗରଣର କାର୍ଯ୍ୟ କରିଆସୁଛି । କାରଣ ପ୍ରତ୍ୟେକ ରାଷ୍ଟ୍ର ତାର 'ସ୍ୱ'ର ଆଧାରରେ ପ୍ରତିଷ୍ଠିତ ହୋଇଥାଏ । ତେଣୁ ଭାରତବର୍ଷକୁ ବିଶ୍ୱଗୁରୁ ପଦବୀରେ ଅଧିଷ୍ଠିତ କରାଇବାକୁ ହେଲେ ଭାରତୀୟ 'ସ୍ୱ'ର ଆଧାରରେ ରାଷ୍ଟ୍ରର ପରମବୈଭବଶାଳୀ ସ୍ୱରୂପ ନିର୍ମାଣ କରିବାକୁ ହେବ । ତଦ୍ୱାରା ବିଶ୍ୱ କଲ୍ୟାଣର ମାର୍ଗ ପ୍ରଶସ୍ତ ହେବ । ଏଣୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏକମାତ୍ର କାର୍ଯ୍ୟ ରାଷ୍ଟ୍ରୀୟ 'ସ୍ୱ'ର ଜାଗରଣ । ଏହି କାର୍ଯ୍ୟରେ ସମସ୍ତେ ସମ୍ମିଳିତ ହୋଇ ସକ୍ରିୟ ସହଯୋଗ ପ୍ରଦାନ କରିବାକୁ ଡ. ମହାପାତ୍ର ନିବେଦନ କରିଥିଲେ । ସ୍ଥାନୀୟ ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ଅନୁଷ୍ଠିତ ହେଉଥିବା ଏହି ସଂଘ ଶିକ୍ଷାବର୍ଗର ଶିକ୍ଷାର୍ଥୀମାନଙ୍କୁ ନେଇ ଏକ ଭବ୍ୟ ପଥ ସଂଚଳନ ଜୁନ ୧ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ସାରା ଓଡିଶାରୁ ୮୦ ଜଣ ଶିକ୍ଷାର୍ଥୀଙ୍କ ସମେତ ୪୦ ଜଣ ଶିକ୍ଷକ ଓ ପ୍ରବନ୍ଧକ ଏହିଭଳି ୧୨୦ଜଣ ଯୋଗଦେଇଛନ୍ତି । ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ହାତରୁ ୮ଶହ ଟଙ୍କା ଶୁଳ୍କ ପ୍ରଦାନ କରି ୨୦ଦିନ ଧରି ଏହି ଶିବିରରେ ବିଭିନ୍ନ ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ଏହି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଡାକ୍ତର, ଇଂଜିନିୟର, ଅଧ୍ୟାପକ, ବ୍ୟାଙ୍କ କର୍ମଚାରୀ, ଶିକ୍ଷକ, ସ୍ନାତକ ଓ ସ୍ନାତକୋତର ଛାତ୍ର, ବ୍ୟବସାୟୀ ଓ କୃଷକ ଉପସ୍ଥିତ ଥିଲେ । ପ୍ରତ୍ୟହ ସକାଳ ୪.୩୦ମି. ସମୟରେ ପ୍ରାତଃ ଜାଗରଣ ପରେ ରାତ୍ରୀ ୧୦ଟା ପର୍ଯ୍ୟନ୍ତ ସ୍ୱୟଂସେବକ ମାନେ ବିଭିନ୍ନ ଶାରିରୀକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ଅଭ୍ୟାସ କରୁଥିଲେ । ସଂଘ ଶିକ୍ଷାବର୍ଗର ସମାରୋପ ଉତ୍ସବରେ ମଂଚାସୀନ ଥିବା ଶିକ୍ଷାବର୍ଗର ସର୍ବାଧିକାରୀ ମନୋରଂଜନ ସାହୁ ଅଧକ୍ଷତା କରିବା ସହ ବର୍ଗର ବିବରଣୀ ପାଠ କରିଥିଲେ । ବର୍ଗର କାର୍ଯ୍ୟବାହ ବେଲେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାସ୍ତ୍ରୀୟ ପରମ୍ପରା ଉଲଙ୍ଘନ କରି ରଥ ନିର୍ମାଣକୁ ବଳଦେବ ସେନାର ବିରୋଧ



କେନ୍ଦ୍ରାପଡ଼ା (ପିଏନ୍): ଶାସ୍ତ୍ରୀୟ ପରମ୍ପରା, ଶିଳ୍ପଶାସ୍ତ୍ର ଓ ଧର୍ମାଚାର୍ଯ୍ୟମାନଙ୍କ ବିନା ଅନୁମତିରେ କେତେକ ସ୍ଥାନରେ ମନଇଚ୍ଛା ରଥ ନିର୍ମାଣ କରାଯାଉଥିବା ଘଟଣାକୁ କେନ୍ଦ୍ରାପଡା ବଳଦେବ ସେନା ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଏନେଇ ସେନାର କର୍ମକ ମାନଙ୍କ ପକ୍ଷରୁ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ, ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ଓ ପୁରୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଏହାଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ କେଉଁଝରର ଶ୍ରୀବଳଦେବଜୀୟୁଙ୍କ ରଥର ନାମ ନନ୍ଦିଘୋଷ ଦିଆଯାଇ ଏହାର ଉଚ୍ଚତାକୁ ୭୨ ଫୁଟ କରାଯାଇଛି । ଗିନିଚ ବୁକ ଅଫ ରେକର୍ଡରେ ନାମ ପଞ୍ଜିକରଣ କରିବା ଉଦ୍ଦେଶ୍ୟରେ ଶାସ୍ତ୍ରୀୟ ପରମ୍ପରାକୁ ଉଲଙ୍ଘନ କରାଯାଇ ଏପରି କରାଯାଇଥିବା ସେନା ପକ୍ଷରୁ ଅଭିଯୋଗ କରାଯାଇଛି । ପୂର୍ବରୁ କେଉଁଝର ରାଜାଙ୍କ ସମୟରେ ରଥର ଉଚ୍ଚତା ୪୩ ଫୁଟ ଥିବାବେଳେ ପରବ ୀ ଅବସ୍ଥାରେ ତାହାର ଉଚ୍ଚତାକୁ ୬୦ଫୁଟକୁ ବଢାଯାଇଥିଲା । ଯାହାକି ୨୦୧୬ ମସିହା ପର୍ଯ୍ୟନ୍ତ ସେହି ଉଚ୍ଚତା ରହିଥିଲା । ସର୍ବତ୍ର ଶ୍ରୀବଳଦେବଜୀୟୁଙ୍କ ରଥର ନାମ ତାଳଧ୍ୱଜ ଥିବା ବେଳେ କେଉଁଝର ଶ୍ରୀବଳଦେବଜୀୟୁଙ୍କ ରଥର ନାମକୁ ନନ୍ଦିଘୋଷ କରାଯାଇ ଧାର୍ମିକ ବ୍ୟାପାରରେ ହସ୍ତକ୍ଷେପ କରାଯାଇଥିବା ଅଭିଯୋଗ ହୋଇଛି । ଏଭଳି ମନଇଚ୍ଛା ନାମକରଣ ଓ ରଥର ଉଚ୍ଚତା ବୃଦ୍ଧି ଘଟଣା ଜଗନ୍ନାଥ ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ପରମ୍ପରାର ବ୍ୟତିକ୍ରମ କରାଯାଉଥିବା ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବଳଦେବ ସେନାର ଉପଦେଷ୍ଟା ନିରଞ୍ଜନ ମେକାପ, ସଭାପତି ପୁପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଅଭିଷେକ କର, ନିରଞ୍ଜନ ସ୍ୱାଇଁ, ଉମେଶ ବେହେରା, ରାକେଶ ବେହେରା, ଶାରଦା ପ୍ରସାଦ ରାଉତ ପ୍ରମୁଖ ଦାବି କରିଛନ୍ତି ।

## ବିଜେପି ନେତା ସଲିମ ଖାନ ୩ ଜିଲ୍ଲାର ପ୍ରଭାରୀ ନିଯୁକ୍ତ

କେନ୍ଦ୍ରାପଡା (ପିଏନ୍): ରାଜ୍ୟ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ଉପସଭାପତି ମହମ୍ମଦ ସଲିମ ଖାନଙ୍କୁ ବିଜେପିର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲି ୩ଟି ଜିଲ୍ଲାର ପ୍ରଭାରୀ ଭାବେ ନିଯୁକ୍ତ କରିଛନ୍ତି । ଶ୍ରୀ ଖାନଙ୍କୁ ଯାଜପୁର, ଜଗତସିଂପୁର ଓ କଟକ ସଦରର ପ୍ରଭାରୀ ଦାୟିତ୍ୱ ଅର୍ପଣ କରାଯାଇଛି । ଦଳ ପକ୍ଷରୁ ତାଙ୍କୁ ଯେତେବେଳେ ଯେଉଁ ଦାୟିତ୍ୱ ଦିଆଯାଇଛି ସେ ତାକୁ ନିଷ୍ଠାର ସହିତ ନିଭାଇ ଥିବା କହିଛନ୍ତି ସଲିମ । ଏହି ଗୁରୁ ଦାୟିତ୍ୱ ବହନ କରି ବିଜେପିକୁ ସୁଦୃଢ କରିବାପାଇଁ କାର୍ଯ୍ୟ କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଏହି ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଥିବା ଦେଖାଯାଇଛି ।

# ଶାନ୍ତିର ମାର୍ଗ



ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଶାନ୍ତି କାହିଁ ? ଅଶାନ୍ତ ମାନବ ଜୀବନ, ଅଶାନ୍ତ କର୍ମମୟ ଜୀବନ, ସଂସାର ଜୀବନ ସହ ଅଶାନ୍ତ ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ବ୍ୟାକୁଳ । ଆସନ୍ତୁ ତା ଉପରେ ଗୋଟିଏ ଛୋଟିଆ ଆଲୋଚନା ରଖିବା । ଯେଉଁମାନେ ଈର୍ଷା, ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ସେମାନେ ମାର୍ଗରୁ ଅପସରି ଯାଆନ୍ତି । ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି । ମଣିଷର ସର୍ବାଧିକ ପ୍ରୟୋଜନ ହେଉଛି ଶାନ୍ତି । ଶାନ୍ତି ବିନା ଜୀବନର ନିରର୍ଥକ । ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ ହେଉ ବା ଅନ୍ୟ କୌଣସି ମାର୍ଗରେ ହେଉ ଶାନ୍ତି ଭାବର ସୁରକ୍ଷା କରିବାକୁ ପଡ଼ିବ । କୋଇଲିର ମଧୁର ଗାନ କାଉକୁ ଭଲ ଲାଗି ନପାରେ ହଂସକୁ ଦେଖି ବତକ ଖୁସି ହୋଇନପାରେ । ଆମେ ଯଦି ଆମ ଖିଆଲ ଦ୍ୱାରା ଭାସିଯିବା ଶେଷରେ ନିଜର ନିଜତ୍ୱ ହରାଇ ବସିବା ।

ଧର୍ମରାଜ ରାଜା ମାନଙ୍କ ରାଜା ଥିଲେ । ସେ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ ଓ ସମସ୍ତ ସଦ୍‌ଗୁଣର ସାକାର ପ୍ରତିମୂର୍ତ୍ତି ଥିଲେ । ତାଙ୍କ ଚାରିଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ । ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ୍ୟ କ'ଣ ହେଲା ? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ । କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ । ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ । ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା । ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ । ବରଂ ତଦ୍ୱାରା ଆମେ ସମାଜର କ୍ଷତି କରିବା ।' ବାସ୍ତବିକ ଆଜିର ଦୁନିଆ ଏଇ ଶାନ୍ତି ଭାବ ଟିକକ ହରାଇ ବସିଛି । ସେଥିଲାଗି ସର୍ବତ୍ର ଗଣ୍ଡଗୋଳ । ଦୁର୍ଭିକ୍ଷ ଭୟ, ଯୁଦ୍ଧ ଭୟ, ଜାତି, ଧର୍ମ ଓ ବର୍ଣ୍ଣଗତ ସମସ୍ୟା ସର୍ବତ୍ର ପ୍ରବଳ । କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ । ଏ ସବୁର କାରଣ କ'ଣ ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ ।

ତେବେ ସେ ଶାନ୍ତିଟି କ'ଣ ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୂତ ଗୋଟିଏ ସୁରଭିତ କଳିକା । ସତକର୍ମ ଫଳ ପ୍ରସୂତ ଏକ ସୌରଭ । ପୂର୍ବ ପୂଣ୍ୟ ଲବ୍ଧ । ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା । ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ୱ ଘୋଷଣା କରି ଆସୁଛନ୍ତି । ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ୍ୟ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି । ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର । ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଆମେ ନିଜର ପରିଚୟ ମଧ୍ୟ ହରାଇ ବସିବା । ମଣିଷ ହିସାବରେ ମଣିଷ ସମାଜରେ ମଣିଷର ଦାୟାଦ ହୋଇ ଜନ୍ମ ଲାଭ କରି ଯଦି ଆମେ ଯଦି ମଣିଷର ଗୁଣ ପ୍ରଦର୍ଶନ ନକରିବା ତେବେ ସେ ମାନବ ଜନ୍ମର ମୂଲ୍ୟ କ'ଣ ? ଶାନ୍ତି ଜୀବନକୁ ସୁରଭିତ କରେ । ଗୋଟିଏ କୁରାଢ଼ି ନେଇ ଚନ୍ଦନ ଗଛକୁ ହାଣିଲେ ଗଛ ସେଥିରେ ପ୍ରତିବାଦ କରେନାହିଁ ବରଂ କୁରାଢ଼ିକୁ ତାର ସୁଗନ୍ଧ ଦେଇଥାଏ । ଧୂପ କାଠିଟିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ । ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ । ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ । ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ । ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ୍ୟ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ । ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସିଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ ।


**ଦେବଦତ୍ତ ବିଶ୍ୱାଳ**, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ : ୯୮୬୧୯୪୪୫୯୪, E-mail : deba1976biswal@gmail.com

# ପୂର୍ବତନ କର୍ମଚାରୀଙ୍କ ବନ୍ଧୁ ମିଳନ




ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦରବ୍ଲକ ସାଉଁ ଗ୍ରାମସ୍ଥ ଆ ଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବତନ କର୍ମଚାରୀ ଭାସ୍କର ଚନ୍ଦ୍ର ପରିଡ଼ାଙ୍କ ଆବାହକତ୍ୱରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୯୭୫ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ଗୁରୁଜୀଗୁରୁମା, କାର୍ଯ୍ୟାଳୟ ସହଯୋଗୀ, ଚତୁର୍ଥଶ୍ରେଣୀ କର୍ମଚାରୀ ଉପସ୍ଥିତ ରହି ଭାବର ଆଦାନ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥିମାନେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ସଭା ଆରମ୍ଭରେ ପୂର୍ବତନ ଶିକ୍ଷକ ମଧୁସୁଦନ ନାୟକ ସଭାମଂଚ ଆହ୍ୱାନ କରିଥିବା ବେଳେ ଚି ରଞ୍ଜନ କର ଧନ୍ୟବାଦ ପ୍ରଦାନ କରିଥିଲେ । ସଭା ଅରମ୍ଭରେ ପୂର୍ବତନ ପ୍ରଧାନ ଶିକ୍ଷକ ବ୍ରଜେନ୍ଦ୍ରକୁମାର ପରିଡ଼ାଙ୍କ ସମେତ ଅନ୍ୟ ଦିବଂଗତ କର୍ମଚାରୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପଦ୍ମଲୋଚନ ପାତ୍ର, ଶଚିନ୍ଦ୍ର ମହାନ୍ତି, ମୁରଲୀଧର ସାହୁ, ଇଶ୍ୱର ଚନ୍ଦ୍ର ଖୁ ିଆ, ହେମବାଳା ଦାସ, ଚିନ୍ମୟୀ ପାତ୍ର, ଅଜୟ ଦାଶ, ରାଧାଶ୍ୟାମକୃଷ୍ଣ ସାହୁ, ଡମ୍ବରୁ ଧର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ସ୍ମୃତି ଚାରଣ କରିଥିଲେ । ବ ମାନର ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆରତକୁମାର ମନ୍ତ୍ରୀ ମଂଚ ପରିଚାଳନା କରିଥିଲେ । ଆଗାମୀ ଦିନରେ କିପରି ବିଦ୍ୟାଳୟଟି ପ୍ରାଦେଶିକ ସ୍ତରରେ ଆଦର୍ଶବିଦ୍ୟାଳୟ ହେବ ସେଥିପାଇଁ ସମସ୍ତଙ୍କର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପୂର୍ବତନ ଛାତ୍ର ମାନବାଧିକାର କର୍ମୀ ସୁଧାକର ସେଠୀ ନେତୃତ୍ୱରେ କ୍ରୀଡ଼ା ଶିକ୍ଷକ ମିହୀରକୁମାର ପଣ୍ଡା, ପ୍ରଦୀପ ରଥ, ପୂର୍ବତନ ଛାତ୍ର ରାଜୀବକୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ମହଲାଙ୍କ ସହଯୋଗରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଓ ବିଦ୍ୟାଳୟ ପରିସରରେ ଫଳ ଓ ଔଷଧୀୟ ବୃକ୍ଷଚାରା ରୋପଣ କରାଯାଇଥିଲା ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ଚାଲିଛି ବାଲି ବ୍ୟବସାୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ବାଲି ଜମାକରି ବ୍ୟବସାୟ ଚାଲିଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ସେହି ରାସ୍ତାଟି ଅତ୍ୟନ୍ତ ଅଣ ଓସରିଆ ହୋଇଥିବା ବେଳେ ଖଡିଅଙ୍ଗ ଛକ ଠାରୁ ମୁଖ୍ୟ ଚିକିତ୍ସାଳୟ ରାସ୍ତାର ଉଭୟ ପାର୍ଶ୍ୱରେ କେତେକ ବ୍ୟକ୍ତି ସରକାରୀ ରାସ୍ତାକୁ ୫-୬ ଫୁଟ ମଡାଇ ଜବର ଦଖଲ କରିବା ସହିତ ଘରର ପାହାଚ ଓ ପାଚେରୀ ପ୍ରଭୃତି ନିର୍ମାଣ କରିଛନ୍ତି । ଫଳରେ ସେହି ରାସ୍ତାରେ ଦମକଳ, ଆମ୍ବୁଲାନ୍ସ, ସରକାରୀ ଯାନ ସମେତ ଭାରୀଯାନ ଗୁଡିକ ଯାତାୟତରେ ଘୋର ସମସ୍ୟା ସୃଷ୍ଟି ହେଉଥିବା ବେଳେ ବହୁ ସମୟରେ ଏହି ରାସ୍ତାରେ ଟ୍ରାଫିକ ଯାମ ରହୁଛି । ଏବେ ମୁଖ୍ୟ ଚିକିତ୍ସାଳୟ ଛକ ନିକଟରେ ବଡ ବଡ ହାଇୱା ଗାଡିରେ ବାଲି ଜମାକରି ଟ୍ରାକ୍ଟର ସେହି ବାଲିକୁ ବିକ୍ରୀକରି କେତେକ ଲୋକ ବ୍ୟବସାୟ କରୁଛନ୍ତି । ଏହାଦ୍ୱାରା ରାସ୍ତା ଉପରେ ଟ୍ରାକ୍ଟର ଛିଡା ହୋଇ ରହୁଥିବାରୁ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଗାଡିଗୁଡିକରେ ରୋଗୀ ଯାତାୟାତ କରିପାରୁନାହାଁନ୍ତି । ରାସ୍ତା ଅବରୋଧ ଫଳରେ ବହୁ ସମୟରେ ସେହି ରାସ୍ତାରେ ରୋଗୀଙ୍କୁ ନେଉଥିବା ଗାଡି ଅପେକ୍ଷା କରି ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି । ଜିଲ୍ଲା ପ୍ରଶାସନ ଏହି ରାସ୍ତା ଅବରୋଧକୁ ତୁରନ୍ତ ହଟାଇବା ପାଇଁ ସାଧାରଣରେ ଦାବି ହୋଇଛି ।

# ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶଙ୍କର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପ୍ରୋଗ୍ରାମ ଅଫିସର ସଂଯୁକ୍ତା ମିଶ୍ର, ମମତା ଯୋଜନାର ଜିଲ୍ଲା ସଂଯୋଜକ ମନୋରଞ୍ଜନ ଦାସ, ମିଶନଶକ୍ତିର ଜିଲ୍ଲା ପ୍ରକଳ୍ପ ପରିଚାଳକ କୈଳାସ ଚନ୍ଦ୍ର ସେନାପତି, ଅନିତା ବେହେରା, ଶୁଭେନ୍ଦୁ ଦାସ, ଅନିତା ସିଂହଙ୍କ ସମେତ ଜିଲ୍ଲାର ୯ଟି ବ୍ଲକର ସିଡିପିଓ ମାନେ ଉପସ୍ଥିତଥିଲେ । ବୈଠକରେ ମମତା, ମିଶନଶକ୍ତି, ପୋଷଣ, ବାଲ୍ୟ ବିବାହ, ଅଙ୍ଗନୱାଡି କେନ୍ଦ୍ର, ମହିଳା ସଶକ୍ତିକରଣ ପ୍ରଭୃତି ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା ।

# ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ସାଂଗଠନିକ ସଭା

ଯାଜପୁର (ପିଏନ୍): ଦଶରଥପୁର ବ୍ଲକ ଅକରପଡ଼ା ପ ାୟତ ବଡ଼ଦୋଗଡ଼ା ନିକଟସ୍ଥ ବାବା ଅଭୟ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ପୁରୀ ଗୋବର୍ଦ୍ଧନ ପୀଠ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଦିତ୍ୟ ବାହିନୀ ଓ ଆନନ୍ଦବାହିନୀ ପୀଠ ପରିଷଦର ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସାଂଗଠନିକ ସଭାରେ ମୁଖ୍ୟ ଅତିଥିଭାବରେ ବିଦ୍ୟାଭୂଷଣ ଗୌର ଶ୍ୟାମାନନ୍ଦଜୀ ଦାସମହାରାଜ, ପୁରୀ, ମୁଖ୍ୟବକ୍ତା ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତିର ଅଧ୍ୟକ୍ଷ ସୁଧିର କୁମାର ପଣ୍ଡା, ଗୋବର୍ଦ୍ଧନ ପୀଠ ସେବା ସଚିବ ବରୁଣ କୁମାର ସାହୁ, ଭଦ୍ରକ ଶାଖା ସଭାପତି ସୂର୍ଯ୍ୟମଣୀ ଧଳ, ଯାଜପୁର ବଜରଂଗ ଦଳ ସଭାପତି ଅରବିନ୍ଦ ଦାସ, ଯାଜପୁର କ୍ଷେତ୍ରୀୟ ସମ୍ପାଦକ ପଣ୍ଡିତ ଲୋକନାଥ ପଣ୍ଡା, ଆଦିତ୍ୟା ବାହିନୀ ଯାଜପୁର ଶାଖର ଦୁର୍ଗା ମାଧବ ଦିକ୍ଷିତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସନାତନ ଧର୍ମର ପ୍ରଚାର ପ୍ରସାର, ହିନ୍ଦୁ ଧର୍ମର ଅଖଣ୍ଡତା ଓ ଗୋହତ୍ୟା ବନ୍ଦ, ସମାଜ ସେବା, ସାରା ବିଶ୍ୱରେ ପୁଜ୍ୟପାଦ ଗୁରୁଜୀ ଯେଉଁ ଦିଗ୍‌ଦର୍ଶନ ସୃଷ୍ଟି କରିଛନ୍ତି ତାହା ସାଂଗଠନିକ ସ୍ତରରେ ଆଗେଇ ନେବା ଓ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ । ଅଭୟ ନୃସିଂହ ଆଦିତ୍ୟ ବାହିନୀ ଶାଖାର ସଭାପତି ପ୍ରଦୀପ କୁମାର ବେହୁରିଆ ଓ ଆଦିତ୍ୟ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ସଭ୍ୟ ରାମଚନ୍ଦ୍ର ବେହୁରିଆ, ଅଳକା ନାୟକଙ୍କ ସମେତ ଶାଖାର ନୂତନ କର୍ମକ ାଙ୍କୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ । ବିଶେଷକରି ଗୋ-ସୁରକ୍ଷା ଓ ଗୋ-ହତ୍ୟା ବନ୍ଦ ପାଇଁ କାର୍ଯ୍ୟ କରୁଥିବା ଶ୍ରୀକାନ୍ତ ସାହୁ, ଓଡ଼ିଶା ବିକଳାଙ୍ଗ ମଂଚର ସଭାପତି ଆଦିତ୍ୟ ପଣ୍ଡାଙ୍କୁ ମୁଖ୍ୟ ଅତିଥି ଗୌର ଶ୍ୟାମାନନ୍ଦଜୀ ମହାରାଜ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ । ଶେଷରେ ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ବା ୍ । ସମ୍ପାଦକ ମିନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଦେ ାଳରେ ବିଶ୍ୱ ପରିବେଶ ଦିବସ ପାଳନ

ହାଟଡିହି (ପିଏନ୍): ହାଟଡିହି ବ୍ଲକରେ ଥିବା ଇଦେ ାଳ ବିକାଶ ମ ତରଫରୁ ଇଦେ ାଳସ୍ଥିତ ମାର୍ଥା ପୋଖରୀ ନିକଟସ୍ଥ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପରେ ଚାରା ରୋପଣ ସହ ପରିବେଶ ଓ ପୃଥିବୀର ସୁରକ୍ଷା ସମ୍ପର୍କିତ ଏକ ବିଶେଷ ଆସନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମ ର ସଦସ୍ୟମାନେ ଲିମ୍ବ ବନରେ ଚାରା ରୋପଣ କରିବା ସହ ତା'ର ଦାୟିତ୍ୱ ନେଇ ଉ ାରିବାକୁ ଶପଥ କରିଥିଲେ । ଉମାକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନୃସିଂହ ଚରଣ ପଣ୍ଡା ସଭାପତିତ୍ୱ କରିଥିଲେ । ଅସ୍ୱାୟାର ଶିକ୍ଷା ସମୂହର ସଂଯୋଜକ ଦୁଷ୍ମନ୍ତ ସାହୁ ଅତିଥି ଭାବେ ଯୋଗ ଦେଇ ଆମ ଧରିତ୍ରୀ ମା'ର ସୁରକ୍ଷା ଓ ବନୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୀବନ ରାଉତ, ସାଇବ ପଣ୍ଡା, ସତ୍ୟବ୍ରତ ଜେନା, ଅମ୍ଳାନ ଜେନା, ଅଭୟ ଜେନା, ରାଜେନ୍ଦ୍ର ଜେନା, ରାଜ କିଶୋର ଜେନା, ଲିକୁ ଜେନା, ମିକୁ ଜେନା, ପ୍ରକାଶ ଜେନା, ବବୁଲ୍ ଜେନା, ଗୋଧନ ଜେନା ଓ ସୁରଜ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ଗୁରୁଙ୍କ ପାଇଁ ଦିନ ଟିଏ - ୱାଇ.ସି.ଡି.ଏ ଦ୍ୱାରା ଗୁରୁ ଦିବସ ପାଳିତ

ବେଲପଡ଼ା,(ଭୋଜରାଜ ବରିହା) (ପି.ଏନ): ଆଜି ଘଗୁର୍ଲି ସ୍ଥିତ କଲ୍ୟାଣ ମଣ୍ଡପ ଠାରେ, ୱାଇ.ସି.ଡି.ଏ ସଂସ୍ଥା ତରଫରୁ ଗୁରୁଙ୍କ ପାଇଁ ଦିନ ଟିଏ ତଥା ଗୁରୁଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିକ୍ଷକ ମାନଙ୍କ ଯୋଗ ଦାନ ଶିଶୁ ମାନଙ୍କ ଭବିଷ୍ୟତ ଗଠନ ରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଶିକ୍ଷକ ମାନେ କିପରି ଉତ୍ସାହିତ ହୋଇ ଶିକ୍ଷା ଦାନ କରିବା ସହ ଅନ୍ୟ ଦିଗ ପ୍ରତି କିପରି ଧ୍ୟାନ ଦେବେ ଯାହାକି ଶିଶୁ ମାନଙ୍କୁ ଭବିଷ୍ୟତରେ ମାନସିକ ଭାବେ ବିଭିନ୍ନ ପରିସ୍ଥିତିର ମୁକାବିଲା କରିବାକୁ ସାହାଯ୍ୟ କରିବ । ଉକ୍ତ ସଭାରେ ବେଲପଡ଼ା ବ୍ଲକର ଶିକ୍ଷକ ଓ ଶିକ୍ଷୟତ୍ରୀ ବୃନ୍ଦ ଯୋଗ ଦେଇଥିଲେ । ୱାଇ.ସି.ଡି.ଏ ତରଫରୁ ଚାଳିଥିବା ବିଲ୍ଡିଂ ରେଜିଲିଏଣ୍ଟ ଚିଲଡ୍ରେନ ପ୍ରୋଗ୍ରାମ କିପରି ଶିଶୁ ମାନଙ୍କର ଅଧିକାର କୁ ନେଇ କାମ କରୁଅଛି ଓ ଜାତୀୟ ଶିକ୍ଷା ନୀତିକୁ ନେଇ ଶିଶୁମାନଙ୍କ ବିକାଶ ରେ ଯୋଗଦାନ କରୁଅଛି ତା ଉପରେ ବିସ୍ତୃତ ରୂପରେ ଜ୍ୟୋତି କୁମାର ରଥ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଶିଶୁ ମାନଙ୍କ ଦ୍ୱାରା ପାରମ୍ପାରିକ ରୀତି ରେ ସ୍ୱାଗତ କରାଯାଇ, ଗୁରୁବନ୍ଦନା ଓ ନୃତ୍ୟ ପରିବେଷଣ କରା ଯାଇଥିଲା । ଶିକ୍ଷକ, ଶିକ୍ଷୟତ୍ରୀ ଙ୍କୁ ଶିଶୁ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଉଦ୍ଦେଶ୍ୟରେ ସମ୍ବର୍ଦ୍ଧିତ କରା ଯାଇଥିଲା ।ମୁଖ୍ୟ ଅତିଥି ଭାବେ ବ୍ଲକର ଶିକ୍ଷା ଅଧିକାରୀ ଶ୍ରୀ ଅଭିନବ ମିଶ୍ର ଯୋଗ ଦେଇଥିବା ବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀ ଜଗବନ୍ଧୁ ମାଝି, ଡ. ଗୋବର୍ଦ୍ଧନ ନାୟକ ଓ ଶ୍ରୀଯୁକ୍ତ ନିରଞ୍ଜନ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଯୋଗେଶ୍ୱର ପ୍ରଧାନ ସଭା ପରିଚାଳନା କରିଥିଲେ ଓ ୱାଇ.ସି.ଡି.ଏ ର ଅନ୍ୟ କର୍ମକର୍ତ୍ତା ଯଥା ବିଳାସିନୀ ମେହେର, କେଶବ ଜେନା, ରସ୍ମିମୟୀ ନାୟକ, ବିନୋଦିନୀ କାଲସାଇ ଓ ଉର୍ବଶୀ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଗୁରୁଜାଙ୍ଗ ଓ ପଦ୍ମାବତୀପୁର ପଂଚାୟତ ସମ୍ମୁଖରେ ବିଜେପିର ବିକ୍ଷୋଭ



ତାଳଚେର,(ପି.ଏନ): ତାଳଚେର ବ୍ଲକର ଗୁରୁଜାଙ୍ଗ ଓ ପଦ୍ମାବତୀପୁର ପଞ୍ଚାୟତ ଅଫିସ୍ ସମ୍ମୁଖରେ ବିଜେପି ତରଫରୁ ମଙ୍ଗଳବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଦୁର୍ନୀତି, ଭ୍ରଷ୍ଟାଚାର, ବଂଶବାଦ,ବ୍ୟାପକ ପିସି କାରବାର ବିରୋଧରେ ବିଜେପି ତରଫରୁ ତାଳଚେରର ବିଶ୍ୱସ୍ତ ସେବକ ତଥା ଭାରତ ସରକାରଙ୍କର କ୍ଷୁଦ୍ର ଶିଳ୍ପ ନିଗମର ନିର୍ଦ୍ଦେଶକ କାଳନ୍ଦୀ ସାମଲ ଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମୋଦି ସରକାର ଓଡ଼ିଶାକୁ ଗରିବ କଲ୍ୟାଣ ର ପ୍ରୟୋଗଶାଳା କରି ବିଭିନ୍ନ ଜନ କଲ୍ୟାଣ ଯୋଜନରେ ଲକ୍ଷ ଲକ୍ଷ କୋଟି ଟଙ୍କା ଦେଉଥିବା ବେଳେ ତାହା ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚି ପାରୁନଥିବା କହିବା ସହିତ ତାଳଚେର ବ୍ଲକ ର ପ୍ରତି ପଂଚାୟତ ରେ ବିଜେଡି ପ୍ରାୟୋଜିତ ଜେଇ କୁ ଠିକାଦାର ସଜେଇ ବ୍ୟାପକ ପିସି କାରବାର ଦୁର୍ନୀତି କରି ଚାଲିଛି ବୋଲି ବିଜେପି ନେତା କାଳନ୍ଦି ସାମଲ ପ୍ରକାଶ କରିଛନ୍ତି । ମୋଦି ସରକାର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପ୍ରୟାସ ରେ ୬୦ ହଜାର କୋଟି ଟଙ୍କା ବିଭିନ୍ନ ଯୋଜନାରେ ଅନୁଗୁଳ ଜିଲ୍ଲା ପାଇଁ ଆସିଥିବା ବେଳେ ଏଠିକାର ବିଧାୟକ ସାଂସଦ ଟଙ୍କା ଟିଏ ସ୍ୱତନ୍ତ୍ର ଅନୁଦାନ ନ ଆଣି ଭତ୍ତା ବାଣ୍ଟିବା ଓ ଫିତା କାଟିବା ପାଇଁ ପ୍ରତିଯୋଗିତା କରୁଥିବା ଶ୍ରୀ ସାମଲ କହିଥିଲେ । ମୋଦି ସରକାର ଚତୁର୍ଦ୍ଦଶ ତଥା ପଞ୍ଚଦଶ ଅର୍ଥ କମିଶନ ରେ ଗୋଟିଏ ଗୋଟିଏ ପଂଚାୟତ ର ଉର୍ଣ୍ଣତି ପାଇଁ ବାର୍ଷିକ କୋଟି କୋଟି ଟଙ୍କା ଦେଉଥିବା ବେଳେ ବିଜେଡି ସରକାର ପଲ୍ଲୀ ସଭା ଗ୍ରାମସଭା ନ କରାଇ ସରକାରୀ କର୍ମଚାରୀ ଙ୍କ ନାମରେ ଡିପାର୍ଟମେଣ୍ଟାଲ କାମ ରଖି ଅଧିକ ପିସି ଦେଉଥିବା ଦଳୀୟ ଠିକାଦାର ଙ୍କୁ କାମ ଦେଇ ଦଳୀୟ ପାଣ୍ଠି ସଂଗ୍ରହ କରିବାରେ ଲାଗିଛନ୍ତି ବୋଲି ସେ କହିଛନ୍ତି ।ମୋଦି ପଠାଉଥିବା ପ୍ରଧାନମନ୍ତ୍ରୀ ଆବାସ ଠାରୁ ଆରମ୍ଭ କରି ସବୁ ଯୋଜନା ରେ ସାଧାରଣ ଗରିବ ଲୋକ ହକ ପାଇବାରୁ ବଞ୍ଚିତ ,ବିଜେଡି ସରକାର ଦଳୀୟ ଆଧାରରେ ହିତାଧିକାରୀ ଚୟନ କରିବା ସହ ବ୍ୟାପକ ପିସି କାରବାର ଚାଲିଛି ବୋଲି ସେ ପ୍ରକାଶ କରିଥିଲେ ।ରାଜ୍ୟରେ ଭ୍ରଷ୍ଟାଚାରୀ, ଅତ୍ୟାଚାରୀ, ପିସି ସରକାର କୁ ବଦଳାଇବା ପାଇଁ ସାଧାରଣ ଲୋକ ମନ ବଳାଇଲେଣି ବୋଲି ସେ କହିଛନ୍ତି ।ଗୁରୁଜାଙ୍ଗ ପଂଚାୟତ ରେ ମଣ୍ଡଳ ସଭାପତି ନରେଶ ଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱ ରେ ପଂଚାୟତ ପ୍ରମୁଖ ନରେଶ ଚନ୍ଦ୍ର ଦାସ ଙ୍କ ସଂଯୋଜନା ରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମ ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ପ୍ରାକ୍ତନ ସରପଞ୍ଚ ସୁଶାନ୍ତ ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଖଇରା ପ୍ରଧାନ ଓ କୃଷ୍ଣଚନ୍ଦ୍ର ଦାସ, ସନ୍ଥପଡା ସରପଞ୍ଚ ସହଦେବ ସାହୁ, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଦିବ୍ୟରଞ୍ଜନ ଦାସ, ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପାଣି ,ଓ ସମସ୍ତ ବୁଥ ସଭାପତି ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ସାମିଲ ହୋଇଥିଲେ ।ସେହିପରି ପଦ୍ମାବତୀ ପୁର ପଂଚାୟତ ରେ ବିଜେପି ର ଶକ୍ତିକେନ୍ଦ୍ର ପ୍ରମୁଖ କୃଷ୍ଣଚନ୍ଦ୍ର ଦାସ ଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ତାପସ ସାହୁ, ରଞ୍ଜନ ପ୍ରଧାନ, ସରୋଜ ସାହୁ, ପିଣ୍ଟୁ ସାହୁ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## କଦମପଡା ଶିଶୁମନ୍ଦିରରେ 'ଗୁରୁଦିବସ'' ପାଳନ

ବଲାଙ୍ଗିର, (ପି.ଏନ): ଆଜି ବଲାଙ୍ଗୀର କଦମପଡା ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ 'ଗୁରୁଦିବସ' ପାଳନ କରାଯାଇଛି । ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଆଦିକନ୍ଦ ଷଡଙ୍ଗୀ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ରେଶ୍ମା ମେହେର, ଅରୋସ୍ମିତା ବେହେରା, ଅରୁଣିମା ଗୁରୁ, ସାକ୍ଷୀପ୍ରଜ୍ଞା ନାଏକ, ଆଦ୍ୟାଶା ପଟ୍ଟନାୟକ, ଅଙ୍କିତା ସେଠ, ଇପସିତା ପାତ୍ର ଓ ଅମ୍ବିକା ବହିଦାର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀ ସ୍ନେହାଞ୍ଜଳୀ ପଣ୍ଡା, ତୃପ୍ତିମୟୀ ପାଢୀ ଓ ସାକ୍ଷୀପ୍ରଜ୍ଞା ନାଏକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହାପରେ ଶିଶୁବକ୍ତା ଦୈବିକ ଦର୍ଶନ ସାହୁ, ଅର୍ଣ୍ଣବ ପାଣିଗ୍ରାହୀ, ରେଶ୍ମା ମେହେର, ଦେବାଶିଷ ମିଶ୍ର, ସୋହାନୀ ନାଏକ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଗୁରୁଜୀ ଚନ୍ଦ୍ର ଶେଖର ବେହେରା ଡଃ. ରାଧାକ୍ରିଷ୍ଣନଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ ।ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ ଯେ, 'ସୃଷ୍ଟିର ବିବର୍ତନବାଦରେ ଗୁରୁଙ୍କ ସତା ସର୍ବବ୍ୟାପୀ',ଏହାର ପ୍ରାମାଣିକ ତଥ୍ୟ ଉପସ୍ଥାପନା କରିଥିଲେ । ତାପରେ ବିଦ୍ୟାଳୟର ସଂପାଦକ ସୁରେନ୍ଦ୍ର ତ୍ରିପାଠୀ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ବିଶେଷ କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଓ ଗୁରୁମାଙ୍କୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂଜନ ଓ ଲେଖନୀ ସମର୍ପଣ କରାଯାଇଥିଲା । ମଂଚାସୀନ ଅତିଥି ରୂପେ ସଂପାଦକ ସୁରେନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ସତ୍ୟାନନ୍ଦ ଷଡଙ୍ଗୀ, ଉପ ସଭାପତି ବିରେନ୍ଦ୍ର ଧରୁଆ, ସଦସ୍ୟ ସନାତନ ଠାକୁର ଉପସ୍ଥିତ ଥିଲେ । ଶେଷରେ ସମସ୍ତଙ୍କ ଉଦ୍ଦେଶ୍ୟରେ ଗୁରୁମା ମମତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହିପରି ଗୁରୁଜୀ ରାଜ କୁମାର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ସଂପର୍ଣ୍ଣ ହୋଇଥିଲା ।

## ନିର୍ଦ୍ଦୋଶରେ ଖଲାସ ହେଲେ ପୂର୍ବତନ ସରପଂଚ

ଦର୍ପଣ ୪/୯ (ପିଏନ): ଗତ ୫-୫-୨୦୧୨ ରେ ଏକ ଘରପୋଡି ମାମଲାକୁ ବିଚାର କରି ଚଣ୍ଡିଖୋଲ ସହକାରୀ ଦୌରାଜଜ୍ ପୂର୍ବତନ ସରପଂଚଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଘଟଣାରୁ ପ୍ରକାଶ ୨୦୧୨ ମସିହାରେ ଏକ ଘରପୋଡି ଘଟଣାକୁ ନେଇ ଅଭିଯୋଗକାରୀ ଅଣକା ଗ୍ରାମର କୁଞ୍ଜ ବିହାରୀ ଜେନା ତତକାଳୀନ ସରପଂଚ ଯତୀନ୍ଦ୍ର ଜେନାଙ୍କ ନାମରେ ଏକ ଘରପୋଡି ଘଟଣାରେ ସଂପୃକ୍ତ ଥିବାର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ । ବାଲିଚନ୍ଦ୍ରପୁର ଥାନା କେସ ନଂ ୮୯/୨୦୧୨ ଦଫା ୪୩୬ରେ କେସ ରୁଜୁ କରିଥିଲେ । କେସ୍‌ଟି ଚଣ୍ଡିଖୋଲ କୋର୍ଟକୁ ଆସିଲା ପରେ ମାନ୍ୟବର କୋର୍ଟ ଜି.ଆର୍ କେସ୍ ନଂ ୪୧୩/୨୦୧୨ ପରେ ସିଟି କେସ୍ ନଂ ୫୯୬/୨୦୧୩ କେସ୍ ରୁଜୁ ହୋଇଥିଲା । ମାନ୍ୟବର କୋର୍ଟ ୧୪ଜଣଙ୍କ ସାଖୀ ଗ୍ରହଣ କଲାପରେ ତତକାଳୀନ ସରରପଂଚ ଯତୀନ୍ଦ୍ର ଜେନାଙ୍କୁ ମାନ୍ୟବର ସହକାରୀ ଦୌରାଜଜ୍ ସୌଭାଗ୍ୟ ରଂଜନ ସ୍ୱାଇଁ ଉପଯୁକ୍ତ ପ୍ରମାଣ ଓ ସାଖୀମାନଙ୍କ ବୟାନକୁ ନେଇ ଶ୍ରୀ ଜେନାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଏହି କେସ୍‌ଟିକୁ ସରକାରୀ ଓକିଲ ଦେବରାଜ ବେହେରା ଓ ମୁଦାଲା ତରଫରୁ ବରିଷ୍ଠ ଆଇନଜୀବୀ ରେଣୁବାଳା ମହାନ୍ତି ପରିଚାଳନା କରିଥିଲେ ।

## ସ୍ୱାଭିମାନ ଅଂଚଳ ହନ୍ତାଳଗୁଡା ଘାଟିରେ ଟ୍ରାକ୍ଟର ଓଲଟି ଦୁଇ ଗୁରୁତର

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ହନ୍ତାଳଗୁଡା ଘାଟିରେ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିବାରୁ ଦୁଇ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି ।ମିଳିଥିବା ସୂଚନା ମୁତାବକ, ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରଟି ଜୋଡାଆମ୍ବ ଅଂଚଳରୁ ଚିତ୍ରକୋଣ୍ଡା ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଘାଟିରେ ଓଲଟି ପଡିବାରୁ ଟ୍ରାକ୍ଟର ଚାଳକ ସହ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ଜଣାପଡିଛି । ଘଟଣାସ୍ଥଳରେ ହନ୍ତାଳଗୁଡା ଠାରେ ଅବସ୍ଥିତ ସୀମା ସୁରକ୍ଷା ବାହୀନି ଓ ଘନବେଡା ଗ୍ରାମର ଗୁରୁ ଖେମୁଡୁ ପହଂଚି ତୁରନ୍ତ ଗୁରୁତର ଆହତ ମାନଙ୍କୁ ଉଦ୍ଧାର କରି ସୀମା ସୁରକ୍ଷା ବାହୀନିଙ୍କ ତରଫରୁ ପ୍ରାଥମିକ ଚିକିତ୍ସା କରାଯାଇ ଦୁଇ ଗୁରୁତର ଆହତଙ୍କୁ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି । ଦେବଦୂତ ସାଜି ସେଇ ରାସ୍ତା ଦେଇ ଯାଉଥିବା ଘନବେଡା ଗ୍ରାମର ଗୁରୁ ଖେମୁଡୁ ଠିକ୍ ସମୟରେ ପହଂଚି ଗୁରୁତରଙ୍କୁ ଉଦ୍ଧାର କରିଥିବା ଯୋଗୁଁ ମୃତ୍ୟୁମୁଖରୁ ଦୁଇ ଜଣ ବର୍ତି ଯାଇଛନ୍ତି ।

## ଭଞ୍ଜ ବିହାର ରେ ୬ ଜଣିଆ ବିଶ୍ୱ ବ୍ୟାଙ୍କ ଟିମ୍ " ବିଶ୍ୱ ବ୍ୟାଙ୍କ ପକ୍ଷରୁ ବିଶ୍ୱ ବିଦ୍ୟାଳୟ ପରିଦର୍ଶନ"

ବ୍ରହ୍ମପୁର,(ଚିନ୍ମୟୀ ପାଣିଗ୍ରାହୀ),ପିଏନ : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗସ୍ତରେ ୬ ଜଣିଆ ବିଶ୍ୱ ବ୍ୟାଙ୍କ ପକ୍ଷରୁ ଏକ ଟିମ୍ ଆସି ପରିଦର୍ଶନ କରିଛି । ଉକ୍ତ ଟିମ୍ ରେ ଡେନିସ୍ ନିକୋଲାଭ, ସଂଗୀତା ପୋଲୋ, ସଂଗୀତା ଦେ, ପପିଆ ଭଟ୍ଟାଚାର୍ଯ୍ୟ, ରାଜୀବ ଅଗ୍ରୱାଲ,ମୋନିକା ଚାୱଲା ପ୍ରମୁଖ ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିଥିଲେ । ବିଶ୍ୱ ବିଦ୍ୟାଳୟକୁ ସରକାରଙ୍କ ତରଫରୁ ମିଳିଥିବା ଅନୁମୋଦିତ ଅର୍ଥ ର ସଫଳ ବିନିଯୋଗ ଏବଂ ବଳକା ରହି ଯାଇଥିବା ଅର୍ଥ ର ବିଶେଷ ଅନୁଧ୍ୟାନ କରିଥିଲେ । ଉକ୍ତ ଟିମ୍ ସହିତ କୁଳପତି ଙ୍କ ସମେତ କୁଳ ସଚିବ, ପିଜି ଅଧକ୍ଷ, ଉପ ପରୀକ୍ଷା ନିୟନ୍ତ୍ରକ,ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ପରିଦର୍ଶନ ସମୟରେ ଉପସ୍ଥିତ ରହି ସହଯୋଗ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ବିଦ୍ୟାଳୟ ରେ ଥିବା କେନ୍ଦ୍ରୀୟ ଯାନ୍ତ୍ରିକ କେନ୍ଦ୍ର କୁ ଯାଇ



ସେଠାରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ , ସରିଥିବା ପ୍ରକଳ୍ପ ଏବଂ ଚାଲୁ ରହିଥିବା ପ୍ରକଳ୍ପ ଉପରେ ପୁଙ୍ଖାନୁ ପୁଙ୍ଖ ଭାବେ ଅନୁଧ୍ୟାନ କରିଥିଲେ । ଏବଂ ଗବେଷଣା ବ୍ୟବହାର ରେ ଖର୍ଚ୍ଚ ହୋଇଥିବା ଅର୍ଥ ରାଶି ବାବଦରେ ସବିଶେଷ ତଥ୍ୟ ପ୍ରମାଣକୁ ପଚାରି ବୁଝିଥିଲେ ।ଦ୍ୱିତୀୟ ପର୍ଯ୍ୟାୟ ରେ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗର ନୁନତ କୋଠା , ଏବଂ ପରୀକ୍ଷା ନିୟନ୍ତ୍ରକ ବିଭାଗ ର ନୂଆ କୋଠାକୁ ଗସ୍ତ କରି ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଅର୍ଥ ରାଶିର ସଠିକ୍ ପରିଚାଳନା ଏବଂ ବ୍ୟବସ୍ଥା ର ରିପୋର୍ଟ୍ ସଂଗ୍ରହ କରି ଫେରି ଥିଲେ ଟିମ୍ ।



ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Wednesday September 6, 2023 ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସେମିଳିଗୁଡା ଖେଳାଳିଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ସେମିଳିଗୁଡା:କୋରାପୁଟ ଜିଲ୍ଲାର ସେମିଳିଗୁଡା ଉତ୍କଳ କରାଟେ ସ୍କୁଲର ତିନି ଜଣ କାରଟେକା ଓ ଖେଳାଳିଙ୍କୁ ଓଡ଼ିଶା ସରକାରଙ୍କର ସର୍ବୋଚ୍ଚ ଖେଳ ସମ୍ମାନ - ବିଜୁ ପଟ୍ଟନାୟକଙ୍କ କ୍ରୀଡ଼ା ପୁରସ୍କାର ପାଇ ଗୌରବ ଅର୍ଜନ କରିଛନ୍ତି ।ଏହି ସ୍କୁଲର କୋଚ୍ ସେନସେଇ ରାଜେନ୍ଦ୍ର କେଶରୀ ସାମଲଙ୍କ ଠାରେ କରାଟେ ଶିଖୁଥିବା, ତଥା ଜୀବନ ଜ୍ୟୋତି କନଭେଣ୍ଟ ସ୍କୁଲ ର ଛାତ୍ର, କରାଟେ ଇଣ୍ଡିଆ କ୍ଟକ୍ସଶବଭସସ୍ବବସ୍ପସକ୍ଟଭ (କିଓ )ଠାରୁ ସ୍ୱର୍ଣ୍ଣ ପଦକ ବିଜେତା ଦାନିଏଲ୍ ଜାନି ଓଡ଼ିଶାର ସମ୍ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଏହି ଖେଳ ସମ୍ମାନ ପୁରସ୍କାର ଓ ତିରିଶି ହଜାର ଟଙ୍କା ଉପହାର ରାଶି ପାଇଛନ୍ତି ।ସେହିପରି ଡି ମାଉଣ୍ଟ ଇଂଲିଶ ମୀଡିଅମ୍ ସ୍କୁଲ ର ଆକାଂକ୍ଷା ମହାନ୍ତି, ( କିଓ ର ରୌପ୍ୟ ପଦକ ବିଜେତା) ମଧ୍ୟ ଓଡ଼ିଶା ମୁଖ୍ୟ ମନ୍ତ୍ରୀଙ୍କ ଠାରୁ ଏହି ଖେଳ ସମ୍ମାନ ପୁରସ୍କାର ସହ କୋଡ଼ିଏ ହଜାର ଟଙ୍କାର



ଉପହାର ରାଶି ପାଇଛନ୍ତି । ଅନ୍ୟ କିଶୋର କରାଟେ ଶିଖୁଥିବା ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ଛାତ୍ର ହର୍ଷଦ୍ ( କିଓ କଂସ୍ୟ ପଦକ ବିଜେତା) ଏହି ଖେଳ ପୁରସ୍କାର ଓ ତେର ହଜାର ଟଙ୍କାର ପୁରସ୍କାର ପାଇଛନ୍ତି ।ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ଲୋକସଭା ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ,ରାଷ୍ଟ୍ର କ୍ରୀଡ଼ା ମନ୍ତ୍ରୀ ଶ୍ରୀ ତୁଷାର କାନ୍ତି ବେହେରା ଓ ରାଜ୍ୟ କରାଟେ ଆସୋସିଏସନ ର ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ ଗୌରୀ ମହାନ୍ତିଙ୍କ ଉପସ୍ଥିତିରେ ଏହି ପୁରସ୍କାର, ଖେଳ ସମ୍ମାନ ପ୍ରଦାନ କରିଛନ୍ତି ଓ ସମ୍ମାନିତ କାରଟେକା ମାନଙ୍କର ଉତ୍ତରୋତ୍ତର ବିଜୟ ନିମନ୍ତେ ଆଶୀର୍ବାଦ ପ୍ରଦାନ କରିଛନ୍ତି ।ତିନି ରାଷ୍ଟ୍ର ସ୍ତରୀୟ ପୁରସ୍କାର ବିଜେତା ମାନ ଙ୍କୁ ସେମିଳିଗୁଡା ସହର ର ବିଭିନ୍ନ ବର୍ଗ ଲୋକ ଓ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ମିଳୁଛି ।ଉତ୍କଳ କରାଟେ ସ୍କୁଲର ସଭାପତି ମନୋଜ କୁମାର ପଟ୍ଟନାୟକ, କୋଚ୍ ରାଜେନ୍ଦ୍ର , ଉପଦେଷ୍ଟା ଭଗବାନ୍ ଦୋରା ବିଜେତା ଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ

ନିମାପଡ଼ା,(ପି.ଏନ) : ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତ ର ବୈଠକ ଗୃହ ରେ ଆଜି ପବିତ୍ର ଗୁରୁଦିବସ ଅବସର ରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ତୁଳସୀପୁର ପଞ୍ଚାୟତ ର ସରପଞ୍ଚ ମଞ୍ଜୁଶ୍ରୀ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସଂସଦ ର ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ ପ୍ରାଧାପକ ଡ଼ଃ. ସନ୍ତୋଷ ମିତ୍ର ଯୋଗ ଦେଇଥିଲେ। ଅଧାପକ ନିରୋଦ କୁମାର ତ୍ରିପାଠୀ ଙ୍କ ସଂଯୋଜନା ରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରମାକାନ୍ତ ତ୍ରିପାଠୀ,ଦୀନବନ୍ଧୁ ଦାସ, କାହ୍ନୁ ଚରଣ ଦାଶ, ଲିଙ୍ଗରାଜ ବସ୍ତିଆ, ରବିନ୍ଦ୍ର କୁମାର ବାନାର୍ଜୀ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ସୁପ୍ରଭା ତ୍ରିପାଠୀ, ଶୈଳବାଳା ବାହିନୀପତି, ଆରତୀ ଦେବୀ ପ୍ରମୁଖ ଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରଯାଇଥିଲା ।

## ଗୁରୁ ଦିବସ ପାଳନ ଅବସରରେ ସଂଜୀବନି ଶିକ୍ଷାନୁଷ୍ଠାନ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ସେମିଳିଗୁଡା,(ପି.ଏନ): ପବିତ୍ର ଗୁରୁ ଦିବସ ପାଳନ ଅବସରରେ ସ୍ଥାନୀୟ ଅଂଚଳର ଛାତ୍ର ଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ବିଦ୍ୟାଳୟର ଅଧକ୍ଷ ଏବଂ ଶିକ୍ଷକ ମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସୁନାବେଡା ସ୍ଥିତ ସଂଜୀବନି ଘରୋଇ ଶିକ୍ଷାନୁଷ୍ଠାନ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ପରିପ୍ରେକ୍ଷିରେ ସେମିଳିଗୁଡା ବ୍ଲକ ପୁଙ୍ଗାର ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ର ଅଧକ୍ଷ ପ୍ରଣବ ପ୍ରକାଶ ପଟ୍ଟନାୟକ, ସେମିଳିଗୁଡା ସ୍ଥିତ ଦେଓମାଳି ପବ୍ଲିକ ସ୍କୁଲ ର ଅଧକ୍ଷ କେ. କରାମତ ଅଲି ଙ୍କୁ ଶ୍ରେଷ୍ଠ ଅଧକ୍ଷ ଭାବେ ଏବଂ ସୁନାବେଡା ସ୍ଥିତ ଏରୋନଟିକ୍ସ ଡି ଏ ଭି ହାଇସ୍କୁଲ ର ଶିକ୍ଷୟିତ୍ରୀ ଶହେଦା ପରଭିନ ଏବଂ ଶିକ୍ଷକ ସନ୍ଦୀପ ପଟ୍ଟନାୟକ ଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ସଂଜୀବନି ଶିକ୍ଷାନୁଷ୍ଠାନ ର ନିର୍ଦ୍ଦେଶକ ସଂଜୀବ




ମହାନ୍ତି ଉକ୍ତ ବିଦ୍ୟାଳୟ ମାନଙ୍କୁ ଯାଇ ଶିକ୍ଷକ ମାନଙ୍କୁ ସମ୍ମାନୀତ କରିଥିଲେ। ଏତଦ୍ ବ୍ୟତୀତ ବିଦ୍ୟାଳୟ ମାନଙ୍କରେ ନିୟମିତ ଶିକ୍ଷାଦାନ କରିବା ସହ ନିଜର ବହୁମୂଲ୍ୟ ସମୟ ଦେଇ ସମାଜ ର ଉନ୍ନତୀ ପାଇଁ ଏହି ଶିକ୍ଷକ ମାନଙ୍କ ପ୍ରଚେଷ୍ଟା କୁ ମଧ ସଂଜୀବନି ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରଶଂସା କରାଯାଇଛି । ସଂଜୀବନି ଶିକ୍ଷାନୁଷ୍ଠାନ ର ଏଭଳି ପଦକ୍ଷେପ କୁ ସାଧାରଣରେ ପ୍ରଶଂସା କରାଯାଉଛି ।

## ଜଳବନ୍ଦୀରେ ବରମୂଳ ଗ୍ରାମ

ରଣପୁର,(ପି.ଏନ): ରଣପୁର ବ୍ଲକ ଗୋପାଳ ପୁର ପଞ୍ଚାୟତ ଅଧିନସ୍ଥ ବଡବରମୂଳ ଗ୍ରାମ ର ଅବସ୍ଥା ଖରାପ । ଗ୍ରାମ ଭିତରେ ଏକ ବନ୍ୟା ଦେଖି ବାକୁ ମିଳିଥିଲା । ଘରେ ଘରେ ପାଣି ପଶି ଥିବାରୁ ଜନ ଜୀବନ ଅସ୍ତ ବ୍ୟସ୍ତ । ଚାନ୍ଦପୁର ରୁ ସୁନାଖଳା ରାସ୍ତା ମଧ୍ୟରେ ବରମୂଳ ଛକ ରୁ ପାମ୍ପଡା ରାସ୍ତା ଉପରେ କଲ୍ ଭଟ୍ କାମ ଅଧାପନ୍ତରିଆ ହୋଇ ପଡିଛି ।

## ତୈଳ ବିଶୋଧନାଗାରରେ ବମ୍ ଆଟାଚି ଗୁଜବକୁ ନେଇ ଆତଙ୍କ

ପାରାଦୀପ,(ପି.ଏନ): ପାରାଦୀପ ତୈଳ ବିଶୋଧନାଗାର ୧ ନମ୍ବର ଫାଟକ ସମ୍ମୁଖରେ ମଙ୍ଗଳବାର ଦିନ ସକାଳେ ଏକ ସନ୍ଦିଗ୍ଧ ଆଟାଚିକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳି ଯାଇଥିଲା । କେହି ଜଣେ ବ୍ୟକ୍ତି ଉକ୍ତ ଆଟାଚିକୁ ଗେଟ ସମ୍ମୁଖସ୍ଥ ଗାଡି ପାର୍କିଙ୍ଗରେ ଛାଡି ଚାଲି ଯାଇଥିବା ବେଳେ ଏଥିରେ ବମ୍ ଥିବା ସନ୍ଦେହରେ ହଟଚମଟ ସୃଷ୍ଟି ହୋଇଥିଲା। ଖବର ପ୍ରଚାରିତ ହେବା ପରେ ବିଶୋଧନାଗାରକୁ ଯିବାଆସିବା ବନ୍ଦ ହୋଇ ଯାଇଥିଲା । ତେବେ ଘଟଣା ସ୍ଥଳରେ ଅଭୟଚାନ୍ଦପୁର ଥାନା ପୋଲିସ, ଆଇଓସିଏଲ ଶିଳ୍ପ ନିରାପତ୍ତା ବାହିନୀ ଓ ଡଗ ସ୍କୁଆର୍ଡ ଟିମ ପହ ଅନୁସନ୍ଧାନ କରିଥିଲେ । ଶେଷରେ ଏଥିରୁ କିଛି କପଡା ସହ ଯାନ୍ତ୍ରିକ ସରାମ ବାହାରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଭୁଲରେ ସେଠାରେ ଆଟାଚି ଛାଡି ଯାଇଥିବା ବ୍ୟକ୍ତିକୁ ଥାନାରେ ଜେରା କରାଯାଉଥିବା ଜଣାପଡିଛି ।

## ସରସ୍ୱତୀ ଶିଶୁ ମନ୍ଦିର ରେ ପାଳିତ ହେଲା 'ଗୁରୁ ଦିବସ' ସମ୍ବର୍ଦ୍ଧିତ ହେଲେ ଗୋପାଳପୁର ସିଆର୍ ସିସି

ରଣପୁର,(ପି.ଏନ): ରଣପୁର ବ୍ଲକ ମହତପଲା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ରେ ଗୁରୁ ଦିବସ ପାଳନ କରାଯାଇଛି । ବିଦ୍ୟାଳୟ ପ୍ରାରମ୍ଭରେ ଗୁରୁ ବନ୍ଦନା କରାଯାଇଥିଲା ।ଗୁରୁଜୀ ଗୁରୁମା ମାନଙ୍କୁ ନେଇ ଏକ ବୈଠକ କରାଯାଇଥିଲା ।ଏହି ବୈଠକ ରେ ଗୋପାଳ ପୁର କ୍ଲଷ୍ଟର ର ସିଆର୍ ସିସି ଶ୍ରୀ ଅକ୍ଷୟ ମହାପାତ୍ର ଙ୍କୁ ପିଲା ଓ ଗୁରୁଜୀ ଗୁରୁମା ଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ବାଳକୃଷ୍ଣ ଷଡଙ୍ଗୀ କାର୍ଯ୍ୟକ୍ରମରେ ଆୟୋଜନ କରିଥିଲେ । ମୁଖ୍ୟ ଅତିଥି ଭାବେ ସିଆର୍ ସିସି ଉପସ୍ଥିତ ରହି ପିଲା ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ନିରୁପମା କର ସହିତ ସୋମନାଥ ପରିଡା ପର୍ଶୁରାମ ମହାପାତ୍ର,ମନୋରଞ୍ଜନ ବାରିକ,ଓ ରେବତୀ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।।

## ସାଗରିକା କଳା ନିକେତନରେ ଗୁରୁ ଦିବସ ପାଳିତ

ପାରାଦୀପ,(ପି.ଏନ): ବନ୍ଦର ନଗରୀ ପାରାଦୀପର ସର୍ବ ପୁରାତନ ନୃତ୍ୟ, କଳା ଓ ସଙ୍ଗୀତ ଅନୁଷ୍ଠାନ ସାଗରିକା କଳା ନିକେତନ ଠାରେ ପ୍ରତି ବର୍ଷ ପରି ଗୁରୁ ଦିବସ ପାଳିତ ହୋଇ ଯାଇଛି । ଅନୁଷ୍ଠାନର ଅଧକ୍ଷ ପ୍ରଫୁଲ୍ଲ ବଳଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବ ପ୍ରଥମେ ଗୁରୁ ଓ ଛାତ୍ର ଛାତ୍ରୀ ମାନେ ଭାରତର ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହା ପରେ ଅନୁଷ୍ଠାନର ବରିଷ୍ଠ ଛାତ୍ର ଛାତ୍ରୀ ଶୁଭଶ୍ରୀ ବେଉରା, ମିଲି ବିଶ୍ୱାଳ, ସନ୍ଧ୍ୟା ରାଣୀ ଦାସ ଓ ସ୍ମୃତିକାନ୍ତ ଶର୍ମା ଆଦି ଗୁରୁ ମାନଙ୍କର ପାଦ ଧୋଇ ଦେଇ ଫୁଲ ଚନ୍ଦନ ଲଗାଇଥିଲେ ଓ ଆଶୀର୍ବାଦ ଭିକ୍ଷା କରିଥିଲେ । ସେହି ସମୟରେ ଅନ୍ୟ ଛାତ୍ର ଛାତ୍ରୀ ମାନେ ଗୁରୁ ବନ୍ଦନା ସଙ୍ଗୀତ ପରିବେଷଣ କରି ଗୁରୁ ଶିଷ୍ୟ



ପରମ୍ପରାକୁ ଉଜ୍ଜୀବିତ କରିଥିଲେ । ଗୁରୁ ମାନେ ଗୁରୁ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରି ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଜୀବନରେ ନିଷ୍ଠାବାନ, ପରିଶ୍ରମୀ ହେବାକୁ ଉପଦେଶ ଦେବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ନାମକୁ ସର୍ବ ବିଦିତ କରିବାକୁ କହିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଗୁରୁ ପୂଜନ ଅନୁଷ୍ଠାନରେ ଏକ ଅପୂର୍ବ ପରିବେଶ ସୃଷ୍ଟି କରିଥିଲା ଯାହାକି ଉପସ୍ଥିତ ଥିବା କିଛି ଅଭିଭାବକ ମାନେ ମଧ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବାକୁ ପଛାଇ ନଥିଲେ ।

## କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ପାଇଁ ଶ୍ରଦ୍ଧାଳି ସଭା ଅନୁଷ୍ଠିତ

ପାରାଦୀପ,(ପି.ଏନ): ପାରାଦୀପର ଅଗ୍ରଣୀ ସାରସ୍ୱତ ସଂଗଠନ ମୋନାଲିସା ସାହିତ୍ୟ ସଂସଦ ସୌଜନ୍ୟରୁ ସ୍ୱର୍ଗତ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସାରସ୍ୱତ ଶ୍ରଦ୍ଧାଳି ସଭା ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସ୍ତମ୍ଭକାର ଅକ୍ଷୟ କୁମାର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସବିତା ମହାପାତ୍ର ଏବଂ ସମ୍ମାନୀତ ଅତିଥି ଭାବେ ଶ୍ରମିକ ନେତା ଅନନ୍ତ କୁମାର ଦାସ ଏବଂ ସାମ୍ବାଦିକ ପ୍ରଶା' ରାଉତ ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱର୍ଗତ କବିଙ୍କର ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ମୋନାଲିସା ସାହିତ୍ୟ ସଂସଦ ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଶ୍ରଦ୍ଧାଳି ସଭାରେ ସୂର୍ଯ୍ୟମୁଖୀ ସମ୍ପାଦିକା ହାରାମଣୀ ମହାପାତ୍ର, ମୈନାକ ସାହିତ୍ୟ ସଂସଦ ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ, କବି ପ୍ରେମଲତା ବାରିକ, ତୁଳସୀ ବରାଳ, ନିହାରି ବାଳା ବାରିକ, ଗୀତା ଦାସ, ନିମାଇଁ ମହାପାତ୍ର, ନୃସିଂହ ଚରଣ ବାରିକ, ଅରୁପ କୁମାର ବିଶ୍ୱାଳ, ରବିନ୍ଦ୍ର କୁମାର ଦାସ, ସଂଜୀବ କୁମାର ଦାଶ, ଚିତ୍ରସେନ ମହାନ୍ତି, ମଧୁସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ କବିଙ୍କୁ ଗଭୀର ଶ୍ରଦ୍ଧାଳି ଜ୍ଞାପନ କରିବା ସହିତ ସ୍ୱରଚିତ କବିତା ପାଠ କରିଥିଲେ । ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ କବିତା ସଂଯୋଜନା କରିଥିବା ବେଳେ ନୃସିଂହ ଚରଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆକ୍ଜୋ ନୋବେଲ୍ ପକ୍ଷରୁ ଭାରତରେ ଏହାର ପ୍ରଥମ ୱାରେଂଟି ପ୍ରୋଗ୍ରାମ ଡ୍ୟୁଲକ୍ସ ଆସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଏକ ଅଗ୍ରଣୀ ପେଂଟ୍ ଓ କୋଟିଙ୍ଗ୍ କମ୍ପାନୀ ଏବଂ ଡ୍ୟୁଲକ୍ସ ପେଂଟ୍ସର ନିର୍ମାତା ଆକ୍ଜୋ ନୋବେଲ୍ ଇଣ୍ଡିଆ ଲିମିଟେଡ୍ ୨୦୨୧ରେ ଡ୍ୟୁଲକ୍ସ ଆସ୍ୟୁରାନ୍ସର ଶୁଭାରମ୍ଭ କରିଥିଲା । ଏହି ପ୍ରୋଗ୍ରାମ ୩ ମାସ ପାଇଁ ନିର୍ଦ୍ଦିଷ୍ଟ ଡ୍ୟୁଲକ୍ସ ଉତ୍ପାଦଗୁଡିକ ଉପରେ ଉପଯୁକ୍ତ ରଙ୍ଗ, ଫିନିଶ ଓ କଭରେଜ୍ ନିଶ୍ଚିତ କରିଥାଏ। ଭାରତୀୟ ପେଂଟ୍ ଉପଭୋକ୍ତାଙ୍କ ମୂଳ ଆକାଂକ୍ଷାକୁ ପୂରଣ କରିବା ଲକ୍ଷ୍ୟ ସହିତ ଡ୍ୟୁଲକ୍ସ ଆସ୍ୟୁରାନ୍ସଟିଏମ୍ ଏବେ ଆହୁରି ବଡ, ନିର୍ଭୀକ ଓ ବ୍ୟାପକ ହୋଇଛି। ଶୁଭାରମ୍ଭ ହୋଇଥିବା ନୂଆ ଡ୍ୟୁଲକ୍ସ ଆସ୍ୟୁରାନ୍ସ ହେଉଛି ଭାରତରେ ଏହାର ପେଂଟ୍ ଉପଭୋକ୍ତାଙ୍କ ପାଇଁ ଆକ୍ଜୋନୋବେଲ୍ର ପ୍ରଥମ ୱାରେଂଟି ପ୍ରୋଗ୍ରାମ, ଯାହା ଏହାକୁ ବାସ୍ତବରେ 'ଏ କୋଟ୍ ଅଫ୍ ଟ୍ରଷ୍ଟ ଇନ୍ ଏଭ୍ରି ଷ୍ଟ୍ରୋକ୍'ରେ ପରିଣତ କରୁଛି। ଭାରତରେ ଘରମାଲିକମାନେ ଏବେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏକ ଚିନ୍ତାମୁକ୍ତ ପେଂଟ୍ ଅନୁଭୂତି ଉପଭୋଗ କରିପାରିବେ। ଏହି ବିସ୍ତୃତ ୱାରେଂଟି ପ୍ରୋଗ୍ରାମ କେବଳ ଇଂଟେରିୟର ଓ ଏକ୍ସଟେରିୟର ଇମଲ୍ସନ୍ସରେ ନୁହେଁ ବରଂ ଡ୍ୟୁଲକ୍ସ ଆକ୍ୱାଟେକ୍ ରେଞ୍ଜର ୱାଟରପ୍ରୁଫିଙ୍ଗ୍ ସଲ୍ୟୁଶନ୍ଗୁଡିକରେ ୧୭ଟି ଡ୍ୟୁଲକ୍ସ ଉତ୍ପାଦକୁ କଭର୍ କରୁଛି। ଅନ୍ୟ ଏକ ହାଇଲାଇଟ୍ ହେଉଛି ପ୍ରଯୁଜ୍ୟ ଉତ୍ପାଦଗୁଡିକରେ ଏହାର ୱାରେଂଟି କଭରେଜ୍ ୧୫ ବର୍ଷ ପର୍ଯ୍ୟନ୍ତ ରହିଥାଏ। କ୍ରାକିଂ ହେଉ କିମ୍ବା ପିଲିଙ୍ଗ୍ କିମ୍ବା ପ୍ରଡକ୍ଟ ୱାରେଂଟି ଡକ୍ୟୁମେଂଟ୍ରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ପାରାମିଟର୍, ଯେକୌଣସି ପ୍ରକାରର ପ୍ରତିକୂଳ ସ୍ଥିତିରେ ଆକ୍ଜୋ ନୋବେଲ୍ ଇଣ୍ଡିଆ ପେଂଟ୍କୁ ରିପ୍ଲେସ୍ କରିବ।ଏସମ୍ପର୍କରେ ଆକ୍ଜୋ ନୋବେଲ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜୀବ ରାଜଗୋପଳ କହିଛନ୍ତି, "ପେଂଟ୍ ଓ କୋଟିଙ୍ଗ୍ ପାଇଁ ଚାହିଦା ଭାରତରେ ଦ୍ରୁତ ବେଗରେ ବୃଦ୍ଧି ପାଇଛି ଏବଂ ଏହି ଶିଳ୍ପ ଆସନ୍ତା ୫ ବର୍ଷ ମଧ୍ୟରେ ୬୨,୦୦୦ କୋଟି ଟଙ୍କାରୁ ୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଡେକୋରେଟିଭ୍ ପେଂଟ୍ଗୁଡିକ ପାଇଁ ଉପଭୋକ୍ତାଙ୍କ ଚାହିଦାରେ ବୃଦ୍ଧି ଜାରି ରହିଥିବା ବେଳେ ଆମେ ମଧ ଜାଣିଛୁ ଯେ, ନିଶ୍ଚିତ ଫଳାଫଳ ଦେଉଥିବା ଉପଯୁକ୍ତ ପେଂଟ୍ ଚୟନ କରିବା ସବୁବେଳେ ସହଜ ହୋଇନଥାଏ। ତେଣୁ ଗୁଣବତା ଓ ଉଦ୍ଭାବନ ସହିତ ମେଳ ଖାଉଥିବା ଏକ ବ୍ରାଣ୍ଡ ଡ୍ୟୁଲକ୍ସରେ ଆମେ ଡ୍ୟୁଲକ୍ସ ଆସ୍ୟୁରାନ୍ସଟିଏମ୍ ୱାରେଂଟି ପ୍ରୋଗ୍ରାମର ଶୁଭାରମ୍ଭ କରିଛୁ।"ନୂଆ ଡ୍ୟୁଲକ୍ସ ଆସ୍ୟୁରାନ୍ସ ସହିତ ମାନସିକ ଶାନ୍ତି ଓ ସୁବିଧା ମିଳିଥାଏ। ମାଗଣା ୱାରେଂଟି ପାଇଁ ପଞ୍ଜୀକରଣ କରିବା ହେଉ କିମ୍ବା କୌଣସି ପ୍ରକାରର ପ୍ରତିକୂଳ ଘଟଣା ଘଟିଲେ ଏକ ଦାବି ଉପସ୍ଥାପନ କରିବା, ସମଗ୍ର ପ୍ରକ୍ରିୟା କେବଳ ଏକ କ୍ଲିକ୍ରେ ହୋଇଥାଏ। ଉପଭୋକ୍ତାମାନେ ହ୍ୱାଟ୍ସଆପ୍, ଡ୍ୟୁଲକ୍ସ ଇଣ୍ଡିଆ ୱେବ୍ସାଇଟ୍ କିମ୍ବା ଫେସ୍ବୁକ୍ ମେସେଞ୍ଜର୍ରେ ଡ୍ୟୁଲକ୍ସ ଇଣ୍ଡିଆ ଅଫିସିଆଲ ଆକାଉଂଟ୍ ମାଧ୍ୟମରେ ଡ୍ୟୁଲକ୍ସ ଇଣ୍ଡିଆ ସହ ଯୋଗାଯୋଗ କରିପାରିବେ। ଦାବିର ସଫଳ ବୈଧତା ପରେ ରିପ୍ଲେସ୍ମେଂଟ୍ ପ୍ରଡକ୍ଟ ଇ-ଭାଉଚର୍କୁ ୧୪ ଦିନ ମଧ୍ୟରେ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ପଠାଯିବ ଏବଂ ଏହାକୁ ଜାରି କରାଯିବାର ୩ ମାସ ମଧ୍ୟରେ ଯେକୌଣସି ସମୟରେ ରିଡିମ୍ କରାଯାଇପାରିବ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray